Weekly Multilingual

ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182 Rs - 5.00

ଭାଗ:୨, ସଂଖ୍ୟା: ୨୦, ଭୁବନେଶ୍ୱର, ମାର୍ଚ୍ଚ ୩୧- ଏପ୍ରିଲ ୦୬, ୨୦୨୫, Vol: 2, Issue: 20, Bhubaneswar, March 31, April-06, 2025 Pages- 8

# କିଏ ଠକୁଛି କାହାକୁ !

- ଠକୁଛନ୍ତି ନାମୀଦାମୀ ମେଡ଼ିସିନ୍ କମ୍ପାନୀ
- ମୁନାଫାଖୋର ବ୍ୟବସାୟୀ ଲାଭବାନ
- ନୀରବଦ୍ରଷ୍ଟା ସାଜିଛନ୍ତି ଡ୍ରଗସ୍ କଣ୍ଟ୍ରୋଲର୍


କୈଳାସ ଚନ୍ଦ୍ର ଶତପଥୀ

ସର୍ବନିମ୍ନ ଚିକିତ୍ସା ସେବା ଯୋଗାଇବାରେ ରାଜ୍ୟ ସରକାରମାନେ ବିଫଳ ବୋଲି ନିକଟରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି। ଗରିବ ଶ୍ରେଣୀର ଲୋକମାନଙ୍କ ନିମନ୍ତେ ଉପଯୁକ୍ତ ମୂଲ୍ୟର ଔଷଧ ଏବଂ ଅତ୍ୟାବଶ୍ୟକ ଔଷଧ ଯୋଗାଇବା କ୍ଷେତ୍ରରେ ରାଜ୍ୟମାନେ ବିଫଳ ହେଉଥିବାର ଫାଇଦା ଘରୋଇ ଡାକ୍ତରଖାନା ମାନେ ନେଉଛନ୍ତି। ନିକଟ ଅତୀତରେ ଆମ ରାଜ୍ୟର ଗୃହ ବିଭାଗ ଦ୍ୱାରା ଜାରି କରାଯାଇଥିବା ଶ୍ୱେତପତ୍ର-୨୦୨୪ ରିପୋର୍ଟରୁ ଏହା ସ୍ପଷ୍ଟ ଅନୁମେୟ ଯେ ରାଜ୍ୟରେ ଏବେ ଅପରାଧିକ ମାମଲା ୨ଲକ୍ଷ ଟପି ସାରିଲାଣି। ଏବେ ପ୍ରତି ପାଦରେ ଦୁର୍ନୀତି ଚାଲିଥିବା ବେଳେ, ଆଜି ଯେଉଁ ଦୁର୍ନୀତି ଓ ଠକେଇ ବିଷୟରେ ଏଠାରେ ଆଲୋକପାତ କରୁଛୁ ସେ ବିଷୟରେ ପ୍ରାୟ କେହି ଅବଗତ ନୁହନ୍ତି।

ଆଜିକାଲି ନାମୀ-ଦାମୀ (ବ୍ରାଣ୍ଡେଡ୍) ଔଷଧ କମ୍ପାନୀମାନଙ୍କ ଦ୍ୱାରା ଅବଲମ୍ବନ କରାଯାଉଥିବା ଏକ ଭୁଲ୍ ପଦ୍ଧତି ପାଇଁ ଜେନେରିକ୍ ଔଷଧ ବିକ୍ରି କ୍ଷେତ୍ରରେ କିପରି ଦୁର୍ନୀତି ବଢ଼ିବଢ଼ି ଚାଲିଛି ତାହା ଏହି ରିପୋର୍ଟରୁ ଆମର ସହୃଦୟ ପାଠକମାନେ ଜାଣିପାରିବ ଆଉ ସତର୍କ ମଧ୍ୟ ହୋଇ ପାରିବେ। ବଜାରରେ ଔଷଧ ତିଆରି ଓ ବିକ୍ରୀ କରୁଥିବା ନାମୀ-ଦାମୀ କମ୍ପାନୀମାନଙ୍କ ମଧ୍ୟରେ ଆଲମ୍ବିକ୍, ଆଲକେମ୍, ଗ୍ଲେନ୍-ମାର୍କ, ୟୁ.ଏସ.ଭି, ଆରିଷ୍ଟୋ ଫାର୍ମା, ଲୁପିନ୍, ମ୍ୟାନ୍-କାଇଣ୍ଡ, ଫାଇଜର୍, ଫାଇମେକ୍ସ, ଆଷ୍ଟ୍ରା, ଓ୍ୱେଲକମ୍, ଗ୍ଲାକ୍ସୋ, ସିପଲା, ଇପକା, ଟାବେଲେଟ୍ ଇଣ୍ଡିଆ, ଡକ୍ଟର ରେଡ୍ଡି, ରାନବକ୍ସି ଇତ୍ୟାଦି ନାମ ପ୍ରାୟ ଜଣାଶୁଣା (ଏହା ବ୍ୟତୀତ ଆହୁରି ଅନେକ କମ୍ପାନୀ ଅଛି)। ଏହି ନାମୀ କମ୍ପାନୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ଦାମୀ ଔଷଧ ଖାଇଲେ ତୁରନ୍ତ ଆରୋଗ୍ୟ ଲାଭ ହୁଏ ବୋଲି ବିଶ୍ୱାସ ସଭିଙ୍କର ରହିଥାଏ। ଦାମୀ ଔଷଧକୁ ସମସ୍ତେ କିଣି ନପାରିବା କଥାକୁ ହୃଦୟଙ୍ଗମ କରି କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଜନ ଔଷଧୀ କେନ୍ଦ୍ରମାନ ସାରା ଦେଶରେ ସ୍ଥାପନ କରିଛନ୍ତି। ସେଠାରୁ ଲୋକେ କେମିତି ବହୁତ୍ ଶସ୍ତାରେ ଔଷଧ କିଣି ପାରିବେ ତାର ବ୍ୟବସ୍ଥିତ ବନ୍ଦୋବସ୍ତ ବି କରିଛନ୍ତି। ବହୁତ ନାମୀ-ଦାମୀ ଓ ଜଣାଶୁଣା କମ୍ପାନୀ ଯଥା ଜାଇଡସ୍ କାଡିଲା, ଲୁପିନ୍, ଆଲକେମ୍, ସନ୍ ଫାର୍ମା, ଡକ୍ଟର ରେଡ୍ଡୀ ଓ ଆବଟ୍ ଭଳି କମ୍ପାନୀମାନେ ମଧ୍ୟ ଜେନେରିକ୍ ଔଷଧର ତିଆରି ଓ ବିକ୍ରୀ କରିବା ଦାୟୀତ୍ୱ ନେଇଥାନ୍ତି ତାହା ଅନେକଙ୍କ ଜ୍ଞାନର ବାହାରେ। ଏହି ସବୁ ବ୍ରାଣ୍ଡେଡ୍ କମ୍ପାନୀମାନଙ୍କର କେଉଁ ଔଷଧଟା ଜେନେରିକ୍ ଓ କେଉଁଟା ନୁହେଁ ତାହା ଗ୍ରାହକମାନେ ଜାଣିବା ଅତ୍ୟନ୍ତ କଷ୍ଟକର। କାରଣ ଔଷଧ ଷ୍ଟ୍ରିପ୍ ଉପରେ ସେପରି କିଛି ଲିଖିତ ସୂଚନା ନାହିଁ କି ଏମ.ଆର.ପି'ରେ କମ୍ ବେଶୀ ନାହିଁ। ଆମର ପାଠକମାନେ ବୁଝି ପାରିବା ଭଳି ଆମେ ଏଠାରେ ଦୁଇଟି ନାମୀ କମ୍ପାନୀର ଦାମୀ ଔଷଧର ଉଦାହରଣ ଦେଉଛୁ ଓ ତାହା ଦ୍ୱାରା ସାଧାରଣ ଲୋକେ କିପରି ବୃହତ ଠକାମୀର ଶିକାର ହେଉଛି ତାହାର ଏକ ଜ୍ୱଳନ୍ତ ଉଦାହରଣ ପ୍ରଦାନ କରୁଛୁ। ବର୍ତ୍ତମାନ ସମୟରେ ଘରେ ଘରେ ଅଣ୍ଡା ରୋଗ ପାଇଁ ଲିଭୋସେଟ୍ରିଜିନ ସହିତ ମଣ୍ଟେଲୁକାଷ୍ଟ, ଓ ଗ୍ୟାସ୍ ରୋଗ ପାଇଁ ରାବିପ୍ରାଜୋଲ୍ ସମସ୍ତେ ପାଖରେ ରଖୁଛନ୍ତି।

ଏହି ଦୁଇଟି ଔଷଧର କମ୍ପୋଜିସନ୍ କୁ ନେଇ ଅନେକ ଔଷଧ ରହିଛି। ଅନେକ ନାମୀ କମ୍ପାନୀଙ୍କ ମଧ୍ୟରୁ ଅଣ୍ଡା ଓ ଆଲର୍ଜି ପାଇଁ ଆଲକେମ୍ କମ୍ପାନୀର 'ଏଲ-ହିଷ୍ଟ' ଓ ଗ୍ୟାସ୍ ପାଇଁ ଆବଟ୍ ହେଲଥ୍ କେୟାର୍ କମ୍ପାନୀର 'ରାଜୋଲ୍-ଡି ଏସ ଆର' ଅନ୍ୟତମ। ସମାନ ବିକ୍ରୀ ମୂଲ୍ୟ (ଏମ.ଆର.ପି) ଥାଇ ଔଷଧ ଷ୍ଟ୍ରିପ୍ ଦୁଇଟିକୁ ବଜାରରେ ଭିନ୍ନ ଭିନ୍ନ ଦାମ୍'ରେ ଦୋକାନୀ ବିକ୍ରି କରିଥାନ୍ତି। କେହି ଲିଖିତ ଦାମ୍ ଠାରୁ ୭୦ରୁ ୭୫ପ୍ରତିଶତ ରିହାତି ଦରରେ ବିକ୍ରି କରି ଏହା ବ୍ରାଣ୍ଡେଡ୍ କମ୍ପାନୀର ଜେନେରିକ୍ ଔଷଧ କହୁଥିବା ବେଳେ ଅନ୍ୟ କେହି ସମାନ ଔଷଧକୁ ମାତ୍ର ୫ରୁ ୧୦ପ୍ରତିଶତ ରିହାତି ଦରରେ ଗ୍ରାହକଙ୍କୁ ବିକ୍ରୀ କରି ଏହା ଜେନେରିକ୍ ଔଷଧ ନୁହେଁ ବୋଲି ଦାବି କରୁଛନ୍ତି। ଔଷଧ ଖୋଳ ଓ ଷ୍ଟ୍ରିପ୍'ରେ କୌଣସି ପାର୍ଥକ୍ୟ ନଥିବା, ସମାନ ଆବୋଟ୍ କମ୍ପାନୀର 'ରୋଜୋଲ୍-ଡି.ଏସ୍.ଆର' ଅନତ୍ୟମ। (ଏମ.ଆର.ପି) ଲେଖାଥିବା, ଜେନେରିକ୍ ବୋଲି ସ୍ୱତନ୍ତ୍ର ଭାବେ ଲିଖିତ ନଥିବା ଔଷଧ ଷ୍ଟ୍ରିପ୍'ରୁ ସାଧାରଣ ଲୋକଟିଏ କେମିତି ଜାଣିପାରିବ କେଉଁଟା ଭଲ ବା ଖରାପ ? କେଉଁଠି ନାମୀ-ଦାମୀ କମ୍ପାନୀର ଔଷଧକୁ ବହୁତ୍ କମ୍ ଦାମ୍'ରେ ପାଇ ସାଧାରଣ ଲୋକଟି ଖୁସି ହେଉଥିବା ବେଳେ, ଅନ୍ୟ କେଉଁଠି ଜେନେରିକ୍ ବୋଲି ଲେଖା ନଥିବା ଔଷଧକୁ ବ୍ରାଣ୍ଡେଡ୍ କମ୍ପାନୀର ଔଷଧ କହି ଚଢ଼ା ଦରରେ ବିକ୍ରି କରି ଅସାଧୁ ଔଷଧ ବ୍ୟବସାୟୀମାନେ ମାଲା ମାଲ୍ ହେଉଛନ୍ତି। ଏ ବିଷୟରେ କିଛି ଔଷଧ ବ୍ୟବସାୟୀଙ୍କ ମତାମତ ଲୋଡ଼ି ଜାଣିବାକୁ ପାଇଥିଲୁ ଯେ, କେଉଁଟା ଜେନେରିକ୍ ଓ କେଉଁଟା ନୁହେଁ ତାର କୌଣସି ଲେଖା କିମ୍ବା ସ୍ୱତନ୍ତ୍ର ଚିହ୍ନ ମେଡ଼ିସିନ୍ ଷ୍ଟ୍ରିପ୍ ଉପରେ ନାହିଁ ତେଣୁ ସାଧାରଣ ଲୋକେ କଣ, କେହିବି ପାର୍ଥକ୍ୟ ଜାଣିବା ବଡ କଷ୍ଟକର।




### ଶ୍ରୀମତୀ ମାମିନା ପଟ୍ଟନାୟକ (ଡ୍ରଗସ୍ କଣ୍ଟ୍ରୋଲର୍ ଓଡ଼ିଶା (ଇନ୍‌ଚାର୍ଜ) ତଥା ନୋଡାଲ ଅଫିସର ଓ କନ୍‌ଭେନର ଓ.ପି. ଡି.ସି)

କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ ଜନ ଔଷଧୀ କେନ୍ଦ୍ର ମାନଙ୍କରେ ହିଁ କେବଳ ରିହାତି ଦରରେ ଔଷଧ ବିକ୍ରୀର ବ୍ୟବସ୍ଥା ଅଛି। କିନ୍ତୁ ବ୍ରାଣ୍ଡେଡ୍ କମ୍ପାନୀର ଔଷଧର ଏମିତି ବହୁ ପ୍ରକାର ରିହାତି ମୂଲ୍ୟରେ କିଏ କେମିତି ବିକ୍ରୀ କରୁଛନ୍ତି ସେ ଜାଣି ନାହାଁନ୍ତି। ଅଧଘଣ୍ଟା ପରେ ମୋତେ ଟେଲିଫୋନ୍ କଲ୍ କରନ୍ତୁ ମୁଁ ପୁରା ବିଷୟ ବୁଝିକି କହିବି।

ଅଧଘଣ୍ଟା ପରେ ଆମେ ସବିଶେଷ ତଥ୍ୟ ଜାଣିବା ପାଇଁ ଅନେକ ଥର ଯୋଗାଯୋଗ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ୍ କଲ୍ ଆଉ ଗ୍ରହଣ କରି ନଥିଲେ। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଜନସାଧାରଣଙ୍କ ଭଲ ମନ୍ଦ ବୁଝିବା ପାଇଁ ନିୟୋଜିତ ଥିବା ଆମ ଅଧିକାରୀ ମାନଙ୍କର ଆନ୍ତରିକତା କମ୍। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏବଂ ବିଭାଗୀୟ ଅଧିକାରୀମାନେ ଆମ ପ୍ରକାଶିତ ଖବର ଉପରେ ଅନୁସନ୍ଧାନ କରି ଅସାଧୁ ବ୍ୟବସାୟୀମାନଙ୍କ ଦ୍ୱାରା ଚାଲିଥିବା ଠକେଇ ଉପରେ ପଦକ୍ଷେପ ନେବା ସହିତ ଔଷଧ ତିଆରି କରୁଥିବା କମ୍ପାନୀମାନଙ୍କୁ ଜେନେରିକ୍ ଔଷଧ ଷ୍ଟ୍ରିପ୍ ଉପରେ ଠିକ୍ ଭାବରେ ଲିଖିତ ସୂଚନା ଦେବା ନିମନ୍ତେ ଗାଇଡ୍ ଲାଇନ୍ ଜାରି କରନ୍ତୁ।

ମୋ- ୯୯୩୭୦୧୦୫୭୧



# ଦାରୁସଙ୍କଟ



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରାପାଇଁ ତିନିଠାକୁରଙ୍କ ର ତିନୋଟି ସୁସଜ୍ଜିତ ରଥର ଆବଶ୍ୟକତା ପଡିଥାଏ । ଏଥିପାଇଁ ୧୨ ପ୍ରଜାତିର, ୧୧୦୦ ଖଣ୍ଡ ( ୪୦୦ କ୍ୟୁବିକ ମିଟର ) କାଠ ଦରକାର ପଡିଥାଏ । ବିଶେଷକରି ଫାସି, ଧଉରା ଓ ଅଶନ ଗଛର ୮ ଫୁଟ ଲମ୍ବର ୮୬୫ ଖଣ୍ଡ କାଠ, ରଥ ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ରଥ ନିର୍ମାଣରେ ଆବଶ୍ୟକ ପଡୁଥିବା ଅନ୍ୟ ଗଛଗୁଡ଼ିକ ହେଲା ଅର୍ଜୁନ, କଦମ୍ବ, ଦେବଦାରୁ, ମଇ, ଶିମିଳି, କାଳଚୁଆ, ମହାନିମ୍ବ ଗମ୍ଭାରି ଓ ପାଳଧୁଆ । ରଥର ତୁମ୍ବ ନିର୍ମାଣପାଇଁ ୮ ଫୁଟ ଗୋଲେଇର, ୫୦-୭୦ ବର୍ଷର ଜୀବନ୍ତ ଫାସି ଗଛସବୁକୁ କାଟିବାକୁ ପଡିଥାଏ । ପ୍ରତିବର୍ଷ ସର୍ବମୋଟ ୧୧୦୦ ରୁ ଉର୍ଦ୍ଧ୍ୱ ଗଛ କଟାଯାଏ ।

କ୍ରମାଗତ ଜଙ୍ଗଲ ସମ୍ପଦ ହ୍ରାସ ଯୋଗୁଁ , ତିନି ଠାକୁରଙ୍କ ରଥଯୋଗ୍ୟ କାଠର ଅଭାବ ଉପଲବ୍ଧି କରି ରାଜ୍ୟ ସରକାର ଏକ ମହତ ତଥା ଅଭିନବ ପରିକଳ୍ପନା ପୂର୍ବକ 'ଜଗନ୍ନାଥ ବନପ୍ରକଳ୍ପ' (Jagannath forest project) ଆରମ୍ଭ କରିଥିଲେ । ଏଥିପାଇଁ ୨୦୦୦ ମସିହାରେ ୬୫ ଲକ୍ଷ ଟଙ୍କା ବ୍ୟୟରେ ୨୮୦୦ ହେକ୍ଟର ପରିମିତ ଜମିରେ ୧୩ ପ୍ରଜାତିର ୪୫ ଲକ୍ଷ ଚାରାଗଛ ରୋପଣ କରାଯାଇଥିଲା ।

ଏଥିପାଇଁ ଜଙ୍ଗଲଯୋଗ୍ୟ ଜିଲ୍ଲା ଯଥା ପୁରୀ, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ ବୌଦ୍ଧ, ଅନୁଗୋଳ, କଟକ ଓ ମହାନଦୀ ପଠାକୁ ଚିହ୍ନଟ କରାଯାଇଥିଲା । ଦୀର୍ଘ ଦୁଇଦଶନ୍ଧି ପରେ ,ବିଭିନ୍ନ ସୂତ୍ରରୁ ପ୍ରାପ୍ତ ଖବର ଅନୁଯାୟୀ ଜଗନ୍ନାଥ ବନପ୍ରକଳ୍ପର ନିଷ୍କର୍ଷ ଅତ୍ୟନ୍ତ ନୈରାଶ୍ୟଜନକ । ସରକାରୀ ସୂତ୍ରରୁ ପ୍ରାପ୍ତ ଖବର ଅନୁସାରେ ମାତ୍ର ୬୫ ପ୍ରତିଶତ ଗଛ ରଗ୍ଣ ଅବସ୍ଥାରେ ବଞ୍ଚି ରହିଛି ତେବେ ରଥଯୋଗ୍ୟ ହେବା ପାଇଁ ଏହି ଗଛଗୁଡିକ ଆଉ ୪୦ ରୁ ୫୦ ବର୍ଷ ଲାଗିବ । ପରବର୍ତ୍ତୀ ପର୍ଯ୍ୟାୟରେ ଆଉକିଛି ଗଛ ଲଗାଇବାର ଥିଲେ ମଧ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରିନାହିଁ ।

କେବଳ ଦଶପଲ୍ଲା ଅଞ୍ଚଳକୁ ବାଦ ଦେଲେ ଅନ୍ୟ ସମସ୍ତ ସ୍ଥାନରେ ପ୍ରକଳ୍ପର ମହାନ ଉଦ୍ଦେଶ୍ୟ ପୂରଣ ହୋଇପାରି ନାହିଁ । ଦେଖାଶୁଣାର ଅଭାବ, ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ , ଅନେକ ଗଛ ମରିହଜି ଗଲାଣି ତ ଆଉ କେଉଁଠି ଗଛଗୁଡିକ ରଗ୍ଣ ଅବସ୍ଥାରେ ଦେଖିବାକୁ ମିଳୁଛି । ବନପ୍ରକଳ୍ପ ଅନ୍ତର୍ଗତ ଆଠଗଡ ଜଙ୍ଗଲ, ମୁରାରୀପୁର, ପାଟେଣୀଗାଁ, ସନ୍ନାପୁ, ଶଗଡିପାଟଣା, ଉରାଳି ଆଦି ଅଞ୍ଚଳରେ ଆଉ କୌଣସି ଗଛ ଦେଖିବାକୁ ମିଳୁନାହିଁ । ବୌଦ୍ଧ ଜିଲ୍ଲାର ରାମଗଡ ଗ୍ରାମବାସୀମାନେ କହନ୍ତି -' -ସରକାର ଆମକୁ ଦେଇଥିବା ୨ଟି ଲିଫ୍ଟ ଇରିଗେସନ ପଏଣ୍ଟ ପ୍ରତିଶ୍ରୁତିରୁ ଓହରି ଯିବାରୁ ଆମେ ବାଧହୋଇ ଜଙ୍ଗଲ ସୁରକ୍ଷାରୁ ଓହରି ଗଲୁ' ।

ପ୍ରାକୃତିକ ଓ ମନୁଷ୍ୟକୃତ ଜଙ୍ଗଲ ଭିତରେ ପ୍ରଭେଦ ରହିଛି । ପ୍ରାକୃତିକ ପରିବେଶରେ, ଜୈବମଣ୍ଡଳର ବିବିଧତା ଭିତରେ ଗଛଗୁଡିକ ପ୍ରତିଯୋଗିତା ଭିତ୍ତିରେ ହୃଷ୍ଟପୁଷ୍ଟ ହୋଇ ବଢିଥାନ୍ତି। ପାଖରେ ଥିବା ବଡ଼ବଡ଼ ବୃକ୍ଷଗୁଡିକରୁ ପ୍ରାକୃତିକ ବିପର୍ଯ୍ୟୟର ସୁରକ୍ଷା ଓ ଜୈବିକ ଖତ ପ୍ରାପ୍ତ ହୁଅନ୍ତି । ଅନ୍ୟପକ୍ଷରେ ମନୁଷ୍ୟକୃତ ଜଙ୍ଗଲର ଦେଖାଶୁଣା, ଜଳସେଚନ ବିଶେଷତଃ ମଣିଷ ଓ ଜୀବଜନ୍ତୁ ମାନଙ୍କଠାରୁ ସୁରକ୍ଷା ଏକ ଜଟିଳ ତଥା ଶ୍ରମଶ୍ରାଦ୍ଧ ପ୍ରକ୍ରିୟା । ତେବେ ସବୁ ଯୋଜନା ଯଦି ଠିକ ମୁତାବକ ଚାଲେ ଓ ସରକାର ପରବର୍ତ୍ତୀ ସମୟରେ ଅଧିକ ଜନ୍ଶୀଳ ହୁଅନ୍ତି, ତାହେଲେ ରଥଯୋଗ୍ୟ ଫାସିକାଠ ପାଇବା ପାଇଁ ଆଉ ୫୦-୭୦ବର୍ଷ ଅପେକ୍ଷା କରିବାକୁ ପଡିବ ।.kart ସେତେବେଳେକୁ ସମଗ୍ର ଓଡ଼ିଶାରେ ରଥଯୋଗ୍ୟ କାଠ ଆଉ ମିଳିବ ନାହଁ। ସରକାର ପରମ୍ପରାକୁ ବଜାୟ ରଖିବାକୁ ଯାଇ ପଡୋଶୀ ରାଜ୍ୟମାନଙ୍କ ଉପରେ ନିର୍ଭରଶୀଳ ହେବେ। ଚଡ଼ାଦାମ ସହିତ ପରିବହନ ଖର୍ଚ୍ଚ ମିଶିଲେ ଦେଉଳକୁ ମୁଖଶିଆଳି ବଳି ପଡିବ।

ଦଶପଲ୍ଲା ଜଙ୍ଗଲ ଗଛଶୂନ୍ୟ ହେବାରୁ ଏବେ ସରକାର ବୌଦ୍ଧ ଉପଖଣ୍ଡରୁ କାଠ ଆଣୁଛନ୍ତି । ଭୋଇ ସେବକ ଓ ବନ କର୍ମଚାରୀ ମା ବନଦୁର୍ଗାଙ୍କୁ ପୂଜାର୍ଚ୍ଚନା କରି ଜଙ୍ଗଲ ଅଭ୍ୟନ୍ତରକୁ ଯାଇ ରଥଯୋଗ୍ୟ ଗଛ ଖୋଜିବା ପାଇଁ ସେମାନଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡୁଛି । ବର୍ଷକୁବର୍ଷ ଜଙ୍ଗଲ ସମ୍ପଦ ହ୍ରାସ ପାଇବାରେ ଲାଗିଛି । ଏହି ଧାରା ଲାଗି ରହିଲେ ଆସନ୍ତା ୫୦ ବର୍ଷ ଭିତରେ ଆମ ଜଙ୍ଗଲ ସମ୍ପଦ ଗୁରୁତର ଭାବେ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି ।

ଏବେ ସରକାର ବ୍ୟକ୍ତିଗତ ମାଲିକାନାରେ ଥିବା ଗଛସବୁକୁ ରଥ ନିର୍ମାଣ ପାଇଁ ଦାନ କରିବାକୁ କେତେବର୍ଷ ହେଲା ଜନସାଧାରଣଙ୍କୁ ଅନୁରୋଧ କରିବା, ପରିସ୍ଥିତିର ଉଦବେଗଜନକ ସ୍ଥିତିକୁ ଦର୍ଶାଉଛି ତେବେ ଏହା ମଧ୍ୟ ନୈରାଶ୍ୟଜନକ । ଗଲାବର୍ଷ ନୟାଗଡ଼ର ୫୦ ଜଣ ଭକ୍ତ ଗଛଦାନ କରିଥିବା ବେଳେ ଏବର୍ଷ ଏହି ସଂଖ୍ୟା ୨୨କୁ ଖସି ଆସିଛି । ଚଳିତବର୍ଷ ଘୋଷଯାତ୍ରାର ବ୍ୟବଧାନ ମାତ୍ର ମାସଟିଏ ବାକି ଥିଲାବେଳେ ଏପର୍ଯ୍ୟନ୍ତ ରଥ ନିର୍ମାଣ ପାଇଁ ଅନ୍ୟୁନ ୬୦ ଖଣ୍ଡ କାଠର ଅଭାବ ଦେଖାଦେଇଛି । ନୟାଗଡ଼ ବନଖଣ୍ଡ ସଂପୂର୍ଣ୍ଣ ଦାରୁଶୂନ୍ୟ ହେବାରୁ ବନ କର୍ମଚାରୀ, ବୌଦ୍ଧ, ଘୁମୁସର, ରେଢାଖୋଲ ଓ କଟକ ସମୀପବର୍ତ୍ତୀ ଜଙ୍ଗଲ ଘୁରି ବୁଲୁଛନ୍ତି ।

ପ୍ରାକ୍ତନ ରାଜ୍ୟପାଳ ଭଗବତ ଦୟାଲ ଶର୍ମାଙ୍କ ଅଧକ୍ଷତାରେ ଗଠିତ କମିଟି ରଥଯାତ୍ରା ପାଇଁ ଏକ ସ୍ଥାୟୀ ରଥ ନିର୍ମାଣ କରିବାକୁ ସୁପାରିଶ କରିଥିଲା । ସାମାନ୍ୟ ରକ୍ଷଣା- ବେକ୍ଷଣରେ ରଥ ପୁନଃ ବ୍ୟବହାର ଯୋଗ୍ୟ ହୋଇ ପାରିବ ଓ ଠାକୁରଙ୍କ ନବକଳେବର ସମୟରେ ନୂଆ ରଥ ନିର୍ମାଣ ହେବାର ପ୍ରସ୍ତାବ ଥିଲା । ଜଗତଗୁରୁ ଶଙ୍କରାଚାର୍ଯ୍ୟ ଏବଂ ମୁକ୍ତିମଣ୍ଡପ ସଭାସହ ଆଲୋଚନା କରି ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ ପାଇଁ ସରକାରଙ୍କୁ ପରାମର୍ଶ ଦିଆ ଯାଇଥିଲା ।

କୌଣସି କାରଣରୁ ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରା ଯାଇନାହିଁ । ପରମ୍ପରା ନାମରେ ପ୍ରତବର୍ଷ ୧୦୦୦ ରୁ ଉର୍ଦ୍ଧ୍ୱ ଗଛ କଟା ଯାଉଛି । ଶ୍ରୀଜୀଉଙ୍କ ରଥଯାତ୍ରା ଠିକ ପରେପରେ ସୁନ୍ଦର କଳାକୃତି ଓ କାରୁକାର୍ଯ୍ୟ ସଂପର୍ଣ୍ଣ ରଥସବୁକୁ ଭଙ୍ଗାଯାଇ ଶ୍ରୀମନ୍ଦିର ରୋଷଶାଳାରେ ଦୈନିକ ୩୦୦୦୦ ଭକ୍ତଙ୍କ ପାଇଁ ମହାପ୍ରସାଦ ପ୍ରସ୍ତୁତି ପାଇଁ ଜାଳେଣି ରୂପେ ପ୍ରାୟ ୯ ମାସ ପାଇଁ ବ୍ୟବହାର କରାଯାଉଛି । ଅନ୍ୟ ତିନିମାସ ପାଇଁ ଦୈନିକ ୮.୫ ଟନ ହାରରେ ସରକାର ଶ୍ରୀମନ୍ଦିର କୁ ଜାଳେଣି କାଠ ଯୋଗାଇ ଥାନ୍ତି।

ତ୍ରୟୋଦଶ ଶତାବ୍ଦୀରୁ ପୁରୀରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଛି ବୋଲି ଗବେଷକ ମାନେ ମତ ଦିଅନ୍ତି। ପ୍ରତିବର୍ଷ ରଥ ନିର୍ମାଣ ପାଇଁ ୨୦୦ରୁ ଉର୍ଦ୍ଧ୍ୱ ମହାରଣା, ଭୋଇ,କମାର,କରତି, ରୂପକାର ଚିତ୍ରକାର ଏବଂ ଦରଜି ସେବକ ପ୍ରାୟ ଦୁଇ ମାସ ଧରି କାର୍ଯ୍ୟ କରିଥାନ୍ତି । ମଜୁରୀ ବାବଦରେ ମନ୍ଦିର ପ୍ରଶାସନ ପ୍ରାୟ ଏକ କୋଟି ଟଙ୍କା ଖର୍ଚ୍ଚ କରନ୍ତି । ସ୍ଥାୟୀ ରଥ ନିର୍ମାଣ ପସ୍ତାବ କାର୍ଯକାରୀ ହେଲେ, ରଥ ନିର୍ମାଣ ଉପରେ ନିର୍ଭର କରି ବଞ୍ଚୁଥିବା ୨୦୦ ଲୋକମାନଙ୍କର ଜୀବନ ଜୀବିକା ନିଶ୍ଚିତ ଭାବେ ପ୍ରଭାବିତ ହେବ ତେବେ ରଥ ନିର୍ମାଣ ବାବଦରେ ବର୍ଷକୁ କୋଟିଏ ଟଙ୍କା ଖର୍ଚ୍ଚ କରୁଥିବା ମନ୍ଦିର ପ୍ରଶାସନ ସେମାନଙ୍କ ଥଇଥାନ ଓ ବିକଳ୍ପ ଜୀବିକା ପାଇଁ ନିଶ୍ଚିୟ ଜନ୍ବାନ ହେବେ।

କୌଣସି ଜାତିର ସ୍ୱାଭିମାନ ଏହାର ସଂସ୍କୃତି ଓ ପରମ୍ପରାକୁ ବୁଝାଇ ଥାଏ। ମହାନ ଜଗନ୍ନାଥ ସଂସ୍କୃତି ପ୍ରତ୍ୟେକ ଓଡ଼ିଆର ପ୍ରାଣସ୍ପନ୍ଦନ ଯେଉଁଠି ସ୍ୱୟଂ ପ୍ରଭୁ ଜଗନ୍ନାଥ ବିରାଜମାନ। ଅନ୍ୟ ପକ୍ଷରେ ପରମ୍ପରା ସବୁବେଳେ ପରିବର୍ତ୍ତନଶୀଳ। କାଳର ପ୍ରବାହମାନ ସ୍ରୋତରେ କିଛି ପରମ୍ପରା ବଦଳିଛି କିମ୍ବା ସଂପୂର୍ଣ୍ଣ ବନ୍ଦ ହୋଇ ଯାଇଛି। ବେଳେବେଳେ ସମୟର ଆବଶ୍ୟକତାକୁ ନେଇ ନୂଆ ନୂଆ ପରମ୍ପରା ମଧ ସୃଷ୍ଟି ହୋଇଥାଏ । ୧୯୧୬ ମସିହାରେ, ଶ୍ରୀମନ୍ଦିର ବିଦ୍ୟୁତକରଣ ହେବା ପରେ, ଆଗରୁ ଥିବା ଦିହୁଡି ସେବକଙ୍କ ସେବା ସଂପୂର୍ଣ୍ଣ ବନ୍ଦ ହୋଇ ଯାଇଛି ।

ଦେବଦାସୀ ପ୍ରଥାର ଅନ୍ତ ଘଟିଛି। ଶ୍ରୀଜୀଉଙ୍କ ୩୨ ବେଶ ସୀମିତ ହୋଇ, ଏବେ ୨୪ ରେ ରହିଯାଇଛି । ହାତୀବେଶ ଠାକୁରଙ୍କ ମୂଳ ପରମ୍ପରା ନୁହେଁ । ମହାପ୍ରସାଦ ପୂର୍ବରୁ ଶ୍ରୀଜୀଉଙ୍କ ପାଖରେ କେବଳ ଶୁଖିଲା ଭୋଗ ଓ ଚୁଡାଘଷା ଲାଗି ହେଉଥିବାର କେତେକ ଗବେଷକ ମତ ଦିଅନ୍ତି । ମୂଳରୁ ୨୮ ପାହାଡ କୁ ପରିବର୍ତ୍ତନ କରି ୨୨ ପାହାଚ କରା ଯାଇଛି। ଗୋଟିଏ ରଥରେ ତିନି ଠାକୁର ଏକାଠି ବସିବା ଓ ନଦୀ ପାରି ହୋଇ ଶଗଡ଼ରେ ବସି ମାଉସୀ ମା ଘରକୁ ଯାତ୍ରା କରିବାର ଐତିହାସିକ ତଥ୍ୟ ରହିଛି । ଆଗରୁ ବିଶେଷ ପରିସ୍ଥିତିରେ ରଥଯାତ୍ରା ବନ୍ଦ ରହିବାର ମଧ ଦୃଷ୍ଟାନ୍ତ ରହିଛି। ରଥଉପରେ ଆଗରୁ ଥିବା ଡାହୁକ ସେବକ ଅଶ୍ଳୀଳ ବୋଲିରେ ଏବେ ଅଙ୍କୁଶ ଲାଗିଛି । କରୋନା ମହାମାରୀ ସମୟରେ, ଆମେ ଭକ୍ତବିହୀନ ରଥଯାତ୍ରା ଦେଖିଛୁ ଯାହାକି ପରମ୍ପରା ବିରୋଧୀ । ସମୟର ପ୍ରବାହମାନ ସ୍ରୋତରେ ଆମେ ସମସ୍ତ ପରମ୍ପରାକୁ ଜାବୁଡି ଧରିବାରେ ସଫଳ ହୋଇ ପାରିନାହୁଁ ।

ଆମପାଇଁ ଧାର୍ମିକ ଭାବାବେଗ ସହିତ ଜଙ୍ଗଲ ସମ୍ପଦ ଦୁଇଟିଯାକ ଜରୁରୀ । ଜଙ୍ଗଲ ସମ୍ପଦ ଆମର ଅମ୍ଳଜାନ ସନ୍ତୁଳନ, ପାଣିପାଗ, ମୃତ୍ତିକାକ୍ଷୟ, ବନ୍ୟା ଓ ବାତ୍ୟା ନିୟନ୍ତ୍ରଣ, ବନ୍ୟଜନ୍ତୁ ସଂରକ୍ଷଣ ଓ ସର୍ବୋପରି ଆମ ଅର୍ଥନୀତି ଉପରେ ପ୍ରମୁଖ ଭୂମିକା ଗ୍ରହଣ କରେ । ଏପରିଏକ ଘଡିସନ୍ଧି ମୁହୂର୍ତ୍ତରେ ବୁଦ୍ଧିଜୀବୀ ବର୍ଗଙ୍କ ମାନସ ମନ୍ଥନର ଆବଶ୍ୟକତା ରହିଛି ।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

# ଘରର ସୌଭାଗ୍ୟ ବୃଦ୍ଧି କରେ ତୁଳସୀ ଓ ଅଁଳା

ସବୁଜ ଗଛ ଓ ରଙ୍ଗବେରଙ୍ଗର ଫୁଲରେ ଭରା ବଗିଚାରେ ଟିକେ ବୁଲିଲେ ମନ ବେଶ୍‌ତାଜା ହୋଇଯାଏ। ସେଥିପାଇଁ ତ ଅନେକେ ନିଜ ଅଗଣାରେ ହେଉ ଅବା ଛାତ ଉପରେ ବିଭିନ୍ନ ପ୍ରକାର ଗଛ ଲଗାଇଥାନ୍ତି। ଏପରି କି କେହି କେହି ଇଣ୍ଡୋର ପ୍ଲାଣ୍ଟ ବି ଲଗାଇବାର ସଉକ ରଖିଥାନ୍ତି। ତେବେ ବାସ୍ତୁଶାସ୍ତ୍ର ଅନୁଯାୟୀ, ଏମିତି ବି କିଛି ଗଛ ଅଛି, ଯାହାକୁ ଲଗାଇବା ଦ୍ୱାରା ଘରର ଶୋଭା ସାଙ୍ଗକୁ ସୌଭାଗ୍ୟ ମଧ୍ୟ ବୃଦ୍ଧି ହୋଇଥାଏ।



ତୁଳସୀ- ଘରର ଉତ୍ତର-ପୂର୍ବ ଦିଗରେ ତୁଳସୀ ଗଛ ଲଗାଇଲେ ଗ୍ରହଦୋଷ, ପାପକର୍ମ, ବାସ୍ତୁଦୋଷ ନାଶ ହେବା ସହ ଘରେ ସକାରାତ୍ମକ ଉର୍ଜା ପ୍ରବାହିତ ହୁଏ ଓ ଧନଧାନ୍ୟ ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି। ଅଁଳା : ଲକ୍ଷ୍ମୀ-ନାରାୟଣଙ୍କର ପ୍ରିୟ ଅଁଳା ଗଛକୁ ଘରର ପୂର୍ବ, ଉତ୍ତର କିମ୍ବା ଉତ୍ତର-ପୂର୍ବ ଦିଗରେ ଲଗାଇ ନିୟମିତ ସେଠାରେ ପୂଜାକଲେ ସୌଭାଗ୍ୟ ବଢିଥାଏ।

# ଅନେକ ରୋଗ ସମସ୍ୟାରୁ ଦୂର କରେ ଲାଲ୍ ଭେଣ୍ଡି

ଲାଲ୍ ଭେଣ୍ଡି ଅନେକ ପ୍ରକାରର ପୃଷ୍ଟିକର ତତ୍ତ୍ୱ ରହିଛି। ଏହାସହ ଏଥିରେ ଆଣ୍ଟି ଅକ୍ସିଡେଣ୍ଟ୍ ଓ ଆଇରନ୍ ଭରପୁର ମାତ୍ରାରେ ରହିଛି। ଏହି ଲାଲ୍ ଭେଣ୍ଡି ଡେଇବେଟିସ୍ ରେଗୀଙ୍କ ପାଇଁ ରାମବାଣ ସଦୃଶ। ସେଥିପାଇଁ ଏହାର ଚାହିଦା ଖୁବ୍ ବେଶି। ବିଦେଶରେ ଏହାର ଚାଷ ଅଧିକ ପରିମାଣରେ ହୋଇଥାଏ। ବିଦେଶରେ ଲୋକନମାନେ ସବୁଜ ଭେଣ୍ଡି ବଦଳରେ ରେଡ୍ ଭେଣ୍ଡି ଖାଇବାକୁ ଅଧିକ ପସନ୍ଦ୍ କରନ୍ତି।



- ଏଥିରେ ଆଇରନ୍ ଭରପୁର ମାତ୍ରାରେ ମିଳିଥାଏ। ଏହି କାରଣରୁ ଏହାକୁ ଖାଇବା ଦ୍ୱାରା ଆଇରନ କମି ପୂରଣ ହୋଇଥାଏ। ଯାହା ଦ୍ୱାରା ବଢ଼ିଥାଏ ରକ୍ତ। ଏନିମିଆ ଚିକିତ୍ସାରେ ହୋଇଥାଏ ଉପଯୋଗୀ।
- କର୍କଟ ରୋଗୀଙ୍କ ପାଇଁ ମଧ ଏହା ବେଶ୍ ଉପକାରୀ। ଲାଲ୍ ଭେଣ୍ଡିରେ ଲେକ୍ଟିନ୍ ନାମକ ପ୍ରୋଟିନ୍ ରହିଛି। ଏହାକୁ ସେବନ କରିବା ଦ୍ୱାରା କ୍ୟାନସର ସେଲ୍ସକୁ ବଢ଼ିବାରେ ରୋକିଥାଏ। ଏହି କାରଣରୁ କ୍ୟାନସର ହେବାର ସମ୍ଭାବନା କମ୍ ହୋଇଥାଏ।
- ଲାଲ୍ ଭେଣ୍ଡି ଖାଇବା ଦ୍ୱାରା ବ୍ଲଡ୍‌ରେ ସୁଗାର ଲେବଲ୍ ରହିଥାଏ କଣ୍ଟ୍ରୋଲରେ। ଏହା ଡାଇବେଟିସର ସମ୍ଭାବନାକୁ କମ୍ କରିଥାଏ।
- ଲାଲ୍ ଭେଣ୍ଡି ଖାଇବା ଦ୍ୱାରା ବ୍ଲଡ୍ ପ୍ରେସର କଣ୍ଟ୍ରୋଲରେ ରହିଥାଏ।
- ଲାଲ୍ ଭେଣ୍ଡିରେ ଏମିତି ପୋଷକ ତତ୍ତ୍ୱ ରହିଛି, ଯାହା ହାର୍ଟ ପାଇଁ ଖୁବ୍ ଉପକାରୀ। ଏହି କାରଣ ପାଇଁ ଲାଲ୍ ଭେଣ୍ଡି ସେବନ କରିବା ଦ୍ୱାରା ହାର୍ଟ ଆଟାକ୍‌ର ବିପଦ ଦୂର ହୋଇଥାଏ।
- ଲାଲ୍ ଭେଣ୍ଡି ସେବନ କରିବାଦ୍ୱାରା ଏଥିରେ ଥିବା ପ୍ୟାକ୍ଟିନ୍ ନାମକ ତତ୍ତ୍ୱ ଶରୀରରେ ମାତ୍ରାଧିକ କୋଲେଷ୍ଟ୍ରଲ ଦୂର କରିଥାଏ।

# ରଣକ୍ଷେତ୍ର ପାଲଟିଲା ଲୋୟର ପିଏମଜି

## କଂଗ୍ରେସ କର୍ମୀଙ୍କ ଚେୟାର ଓ ପଥର, ପୋଲିସ୍‌ର ପାଣି ଓ ଲୁହବୁହା ଗ୍ୟାସ୍ ମାଡ

ଭୁବନେଶ୍ୱର (ଭିଓଭି): କଂଗ୍ରେସ କର୍ମୀଙ୍କ ଆନ୍ଦୋଳନ ଯୋଗୁଁ ଭୁବନେଶ୍ୱରର ଲୋୟର ପିଏମଜି ରଣକ୍ଷେତ୍ର ପାଲଟିଛି। ବିଧାନସଭା ଘେରାଉ ପାଇଁ କଂଗ୍ରେସ କର୍ମୀ ମାନେ ବ୍ୟାରିକେଟ୍ ଡେଇଁବାକୁ ଉଦ୍ୟମ କରିଥିଲେ। ସୁରକ୍ଷାକର୍ମୀ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ଆନ୍ଦୋଳନକାରୀମାନେ ପୋଲିସ୍ ଉପରକୁ ପଥର, ଅଣ୍ଡା ଏବଂ ଟମାଟୋ ମାଡ କରିବା ସହିତ ଚେୟାର ଫିଙ୍ଗିଥିଲେ। ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ଲୁହବୁହା ଗ୍ୟାସ୍ ଏବଂ ପାଣି ତୋପ ବ୍ୟବହାର କରିଥିଲା। ସୂଚନା ଅନୁଯାୟୀ କଂଗ୍ରେସ ପକ୍ଷରୁ ପୂର୍ବ ଘୋଷଣା ଅନୁସାରେ ଗୁରୁବାର ବିଧାନସଭା ଘେରାଉ କରିବାକୁ ଉଦ୍ୟମ କରାଯାଇଥିଲା। ଲୋୟର ପିଏମଜିରେ ବଡ ଧରଣର ସଭା ପରେ କଂଗ୍ରେସ କର୍ମୀମାନେ ବିଧାନସଭା ଆଡକୁ ଅଗ୍ରସର ହୋଇଥିଲେ। ୧୬୩ ଧାରା ଭାଙ୍ଗିବାକୁ ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ



ପ୍ରଥମେ ଧସ୍ତାଧସ୍ତି ହୋଇଥିଲା । ନାରୀ ସୁରକ୍ଷା ପ୍ରସଙ୍ଗରେ ବିଧାନସଭା ଘେରାଉ ପାଇଁ ଯାଇଥିବା ଶତାଧିକ କଂଗ୍ରେସ କର୍ମୀ ହଠାତ ପୋଲିସର ପ୍ରଥମ ସୁରକ୍ଷା ବଳୟ ଭାଙ୍ଗି ବିଧାନସଭା ଅଭିମୁଖେ ବଢ଼ିଥିଲେ। ପୋଲିସ କଂଗ୍ରେସ କର୍ମୀଙ୍କୁ ଅଟକାଇାବାକୁ ଉଦ୍ୟମ କରିଥିଲା । ତେବେ ଏତିକି ବେଳେ କଂଗ୍ରେସ କର୍ମୀ ମାନେ ପୋଲିସ ଉପରକୁ ଚେୟାର ମାଡ଼ କରିଥିଲେ । ଏହା ପରେ ପରେ ପୋଲିସ ଉପରକୁ ଟେକା ପଥର, ଅଣ୍ଡା, ଟମାଟୋ, ପାଣି ବୋତଲ ମାଡ଼ କରିଥିଲେ । ସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବା ଦେଖି ପୋଲିସ ପ୍ରଥମେ ପାଣି ମାଡ଼ ଓ ପରେ ଭିଡ଼ ହଟାଇବାକୁ ଟିୟର ଗ୍ୟାସ୍ ମାଡ଼ କରିଥିଲା। ଏହାପର ବି କଂଗ୍ରେସ କର୍ମୀଙ୍କୁ ନିୟନ୍ତ୍ରଣ କରିବାରେ ବିଫଳ ହେବାରୁ ପୋଲିସ ଆନ୍ଦୋଳନକାରୀଙ୍କ ଉପରେ ଲାଠି ମାଡ଼ କରିଥିଲା। ଆନ୍ଦୋଳନକାରୀ କଂଗ୍ରେସ କର୍ମୀଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲା ପୋଲିସ। ଶେଷରେ ପୋଲିସ ଆନ୍ଦୋଳନର ନେତୃତ୍ୱ ନେଉଥିବା ପିସିସି ସଭାପତି ଭକ୍ତ ଦାସ, ବରିଷ୍ଠ କଂଗ୍ରେସ ନେତା ତାରା ବାହିନୀପତି, ମହମ୍ମଦ ମୋକିମଙ୍କ ସମେତ ଅନ୍ୟ କିଛି ନେତାଙ୍କୁ ଆନ୍ଦୋଳନ ସ୍ଥଳରୁ ଉଠାଇ ନେଇଥିଲା । କଂଗ୍ରେସ କର୍ମୀଙ୍କ ଆକ୍ରମଣରେ ୧୫ ପୋଲିସ କର୍ମଚାରୀ ଆହତ ହେବା ସହ ପୋଲିସର ପାଲଟା କାର୍ଯ୍ୟାନୁଷ୍ଠାନରେ ମଧ୍ୟ ବହୁ କଂଗ୍ରେସ କର୍ମୀ ଆହତ ହୋଇଥିବା ଦଳ ଅଭିଯୋଗ କରିଛି। କଂଗ୍ରେସ ପକ୍ଷରୁ ଏକ ବିରାଟ ପ୍ରତିବାଦ ଯୋଗୁ ଭୁବନେଶ୍ୱରର ଲୋୟର ପିଏମଜି ରଣଭୂମି ପାଲଟିଛି। ପଥର, ଅଣ୍ଡା ଏବଂ ଟମାଟୋ ମାଡ ସହିତ ଚେୟାର ଫିଙ୍ଗା ମଧ୍ୟରେ ପୁଲିସ ଭିଡ଼କୁ ଘଉଡ଼ାଇବା ପାଇଁ ଲୁହବୁହା ଗ୍ୟାସ୍ ଏବଂ ପାଣି ତୋପ ବ୍ୟବହାର କରିଛି।ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କୁ ଗିରଫ କରାଯାଇଛି। ଏହା ସହିତ ମହମ୍ମଦ ମୋକିମ୍‌ଙ୍କୁ ମଧ୍ୟ ପୁଲିସ ଗିରଫ କରିଛି।କଂଗ୍ରେସ କର୍ମୀମାନେ ପଥର, ଅଣ୍ଡା ଏବଂ ଟମାଟୋ ଫିଙ୍ଗିବାରୁ ପୁଲିସ ପାଣି ତୋପ ବ୍ୟବହାର କରିଥିଲା। ଏହା ବ୍ୟତୀତ କଂଗ୍ରେସ ପ୍ରଦର୍ଶନକାରୀମାନେ ସେମାନଙ୍କର ପ୍ରତିବାଦ ପ୍ରଦର୍ଶନ କରିବା ପାଇଁ କର୍ତ୍ତବ୍ୟରତ ପୁଲିସଙ୍କ ଉପରେ ଚେୟାର ଫିଙ୍ଗିଥିଲେ। ଏହାକୁ ପ୍ରତିହତ କରିବା ପାଇଁ ପୁଲିସ ପକ୍ଷରୁ ଭିଡ଼ଙ୍କୁ ଛତ୍ରଭଙ୍ଗ କରାଇବା ପାଇଁ ଲୁହବୁହା ଗ୍ୟାସ୍ ବ୍ୟବହାର କରିଥିଲାସୂଚନାଯୋଗ୍ୟ, ମହିଳା ବିରୋଧୀ ଅପରାଧକୁ ନେଇ କଂଗ୍ରେସ ୨୭ ମାର୍ଚ୍ଚରେ ଓଡ଼ିଶା ବିଧାନସଭା ଘେରାଉ କରିବାକୁ ଡାକରା ଦେଇଥିଲା। ମାର୍ଚ୍ଚ ୧୨ ତାରିଖରେ ଏହି ଘୋଷଣା କରାଯାଇଥିଲା।

# ସାମ୍ବାଦିକମାନେ ପାଉଛନ୍ତି ୭ଟି କଲ୍ୟାଣକାରୀ ସୁବିଧା

ଭୁବନେଶ୍ୱର (ଭିଓଭି): ଓଡ଼ିଶା ସରକାର ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ସାତଟି କଲ୍ୟାଣକାରୀ ସୁବିଧା ପ୍ରଦାନ କରିଛନ୍ତି। ଯେଉଁଥିରେ ଜଣେ ସାମ୍ବାଦିକଙ୍କ ମୃତ୍ୟୁ ହେଲେ ପରିବାରକୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଅନ୍ତର୍ଭୁକ୍ତ, ରାଜ୍ୟ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି ଯେ, ରାଜ୍ୟରେ ଇଲେକ୍ଟ୍ରୋନିକ୍ ମିଡିଆ, ପ୍ରିଣ୍ଟ ମିଡିଆ ଏବଂ ସୋସିଆଲ ମିଡିଆରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସାତଟି କଲ୍ୟାଣକାରୀ ସୁବିଧା ଯୋଗାଇ ଦିଆଯାଉଛି। ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ସାମ୍ବାଦିକମାନଙ୍କୁ ଯୋଗାଇ ଦିଆଯାଇଥିବା ସାତଟି କଲ୍ୟାଣକାରୀ ସୁବିଧା ହେଉଛି: କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରିବା ପାଇଁ ପ୍ରଚଳନ କରାଯାଇଥିବା ଓଡ଼ିଶା କାର୍ଯ୍ୟରତ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା-୨୦୧୬। ଏହା ସହିତ, ନିର୍ଦ୍ଧାରିତ ନିୟମ ଅନୁଯାୟୀ ଚିକିତ୍ସା



ସହାୟତା ଯୋଗାଇ ଦିଆଯାଉଛି। ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କ ମୃତ୍ୟୁ କ୍ଷେତ୍ରରେ, ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ ନିକଟତମ ସମ୍ପର୍କୀୟଙ୍କୁ ୪,୦୦,୦୦୦ ଟଙ୍କା ପ୍ରଦାନ କରାଯାଏ। ସେହିପରି, ମୃତ ସାମ୍ବାଦିକଙ୍କ ପିଲାମାନଙ୍କ ସ୍କୁଲ ଏବଂ ଉଚ୍ଚଶିକ୍ଷା ପାଇଁ ମାସିକ ଯଥାକ୍ରମେ ୧୫୦୦ ଟଙ୍କା ଏବଂ ୨୫୦୦ ଟଙ୍କା ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି। ସ୍ଥାୟୀ ଭାବରେ ଅକ୍ଷମ ସାମ୍ବାଦିକଙ୍କ ପାଇଁ ପ୍ରତ୍ୟେକଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ଦିଲ୍ଲୀର ଓଡ଼ିଶା ବାସଭବନ, କୋଲକାତାର ଉତ୍କଳ ଭବନ, ମୁମ୍ବାଇର ଓଡ଼ିଶା ଭବନ ଏବଂ ସରକାରୀ ଡାକଘରେ ସରକାରୀ ହାରରେ ବାସସ୍ଥାନ ସୁବିଧା ଯୋଗାଇବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ସୁପାରିଶ କରାଯାଇଛି। ରିହାତି ମୂଲ୍ୟରେ ରେଳ ଯାତ୍ରା ପାଇଁ ଅଣସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ଆବଶ୍ୟକୀୟ ପାସ୍ ଯୋଗାଇବାକୁ ରେଳ କର୍ତ୍ତୃପକ୍ଷଙ୍କୁ ସୁପାରିଶ କରାଯାଇଛି। ରାଜ୍ୟସ୍ତରୀୟ ସାମ୍ବାଦିକମାନେ ରଥଯାତ୍ରା ବିବରଣୀ ସଂଗ୍ରହ କରିବା ପାଇଁ ପୁରୀ ଯିବାର ବ୍ୟବସ୍ଥା କରାଯାଇଛି। କର୍ତ୍ତବ୍ୟ ପାଳନ କରୁଥିବା ସମୟରେ କୋଭିଡ-୧୯ ସଂକ୍ରମଣ ଯୋଗୁଁ ମୃତ୍ୟୁବରଣ କରିଥିବା ଯେକୌଣସି କାର୍ଯ୍ୟରତ ସାମ୍ବାଦିକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇଛି। ଗୃହ ବିଭାଗ ସାମ୍ବାଦିକମାନଙ୍କୁ ସଚିବାଳୟ ପାସ୍ ପ୍ରଦାନ କରିବାକୁ ସୁପାରିଶ କରାଯାଇଛି।

# ୧୦ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ

ଭୁବନେଶ୍ୱର, (ଭିଓଭି): ଓଡ଼ିଶାରେ ୧୮ ହଜାର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଜେପି ସରକାର ନିଯୁକ୍ତି ଦେଇଛନ୍ତି। ଆହୁରି ୧୦ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ଆଜି ବିଧାନସଭାରେ ଏଭଳି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅନ୍ୟ ଏକ ପ୍ରସଙ୍ଗରେ ଉତ୍ତର ରଖି କହିଛନ୍ତି, ବନ୍ଦ ଥିବା ସ୍କୁଲକୁ ପୁଣି ଖୋଲାଯିବ। ସିଡ୍ୟୁଲ୍ ଅଞ୍ଚଳରେ ସର୍ବନିମ୍ନ ୪୦ ଜଣ ପିଲା ଥିଲେ, ସ୍କୁଲ ଖୋଲିବାର ବ୍ୟବସ୍ଥା ରହିଛି। ତେଣେ ନନ୍ ସିଡ୍ୟୁଲ୍ ଅଞ୍ଚଳରେ ସର୍ବନିମ୍ନ ୨୦ ଜଣ ପିଲା ଥିଲେ, ସ୍କୁଲ ଖୋଲାଯିବ। ପୂର୍ବ ବିଜେଡି ସରକାର ତରବରିଆ ଭାବେ ୫୬୩୨ଟି ସ୍କୁଲକୁ ମିଶ୍ରଣ କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅନ୍ୟ ଏକ ପ୍ରସଙ୍ଗରେ ଉତ୍ତର ରଖି କହିଛନ୍ତି, ବନ୍ଦ ଥିବା ସ୍କୁଲକୁ ପୁଣି ଖୋଲାଯିବ। ସିଡ୍ୟୁଲ୍ ଅଞ୍ଚଳରେ ସର୍ବନିମ୍ନ ୪୦ ଜଣ ପିଲା ଥିଲେ, ସ୍କୁଲ ଖୋଲିବାର ବ୍ୟବସ୍ଥା ରହିଛି। ତେଣେ ନନ୍ ସିଡ୍ୟୁଲ୍ ଅଞ୍ଚଳରେ ସର୍ବନିମ୍ନ ୨୦ ଜଣ ପିଲା



ଥିଲେ, ସ୍କୁଲ ଖୋଲାଯିବ। ପୂର୍ବ ବିଜେଡି ସରକାର ତରବରିଆ ଭାବେ ୫୬୩୨ଟି ସ୍କୁଲକୁ ମିଶ୍ରଣ କରାଯାଇଥିଲା।ବନ୍ଦ ହୋଇଥିବା ସ୍କୁଲ ଖୋଲିବା ନେଇ କିଛି ବ୍ୟବସ୍ଥା ରହିଛି ନା ନାହିଁ । ଏନେଇ ଗୃହରେ ପ୍ରଶ୍ନ କରିଥିଲେ ଅତାବିରା ବିଧାୟକ ନିହାର ମହାନନ୍ଦ । ଏହାର ଉତ୍ତର ରଖିଥିଲେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଏହାପରେ ବିଜେଡି ବିଧାୟକ ଗଣେଶ୍ୱର ବେହେରା ପ୍ରଶ୍ନ କରିଥିଲେ, ନିର୍ବାଚନ ସମୟରେ ବିଜେପି ସବୁ ବନ୍ଦ ସ୍କୁଲ ଖୋଲିବାକୁ ଘୋଷଣା କରିଥିଲା । ହେଲେ ଏଯାଏଁ ତାହା ହୋଇପାରିଲା ନାହିଁ ।

# ସ୍ୱେଚ୍ଛାକୃତ ଅବସର ନେଲେ ସୁଜାତା କାର୍ତ୍ତିକେୟନ

## ତାମିଲନାଡୁ ଯିବେ ନା ବିଜେଡି ମଙ୍ଗୁଆଳ ହେବେ !

ଭୁବନେଶ୍ୱର : ଭାରତୀୟ ପ୍ରଶାସନିକ ସେବାରୁ ନିଜକୁ ପ୍ରତ୍ୟାହାର କରିନେଇଛନ୍ତି ସୁଜାତା ଆର କାର୍ତ୍ତିକେୟନ । ମାତ୍ର ୧୫ଦିନ ପୂର୍ବରୁ ସ୍ୱେଚ୍ଛାକୃତ ଅବସର ଆବେଦନ କରିଥିଲେ ସୁଜାତା। ତାଙ୍କର ସ୍ୱେଚ୍ଛାକୃତ ଅବସର ଆବେଦନ କୁ ରାଜ୍ୟ ସରକାର ସମ୍ମତି ପ୍ରଦାନ ପରେ କେନ୍ଦ୍ର ସରକାର ବି ମୋହର ମାରିଛନ୍ତି। ଏହି ଚର୍ଚ୍ଚା ପରେ ଏବେ ନୂଆ କଥାକୁ ନେଇ ଆରମ୍ଭ ହୋଇଛି ଗୁଞ୍ଜରଣ । ଆଗକୁ ସୁଜାତା କ'ଣ କରିବେ ? ସ୍ୱାମୀ ଭିକେ ପାଣ୍ଡିଆନଙ୍କ ସହ ମିଶି ତାମିଲନାଡୁ ପଳାଇବେ ନା ଓଡ଼ିଆ ଝିଅ ବୋଲି ଦର୍ଶାଇ



ବିଜେଡିର ମଙ୍ଗ ଧରିବେ । ରାଜନୈତିକ ସମୀକ୍ଷକ ଓ ବୁଦ୍ଧିଜୀବୀ ମାନେ ବିଶେଷକରି ଏହି ଦୁଇଟି ଦିଗ ଆଡ଼କୁ ଆଙ୍ଗୁଳି ଦେଖାଉଛନ୍ତି ।

# ଓଇଆରସି ଅଧ୍ୟକ୍ଷ ହେଲେ ପ୍ରଦୀପ ଜେନା

ଭୁବନେଶ୍ୱର (ଭିଓଭି): ରାଜ୍ୟ ସରକାରଙ୍କ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ପ୍ରଦୀପ ଜେନାଙ୍କୁ ରାଜ୍ୟ ସରକାର ନିଯୁକ୍ତ କରିଛନ୍ତି। ଆଇଏଏସ୍ ଅଧିକାରୀ ସୁରେଶ ମହାପାତ୍ରଙ୍କ ପରେ ଏହି ପଦ ଖାଲି ପଡ଼ିଥିଲା। ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ପ୍ରଦୀପ କୁମାର ଜେନା ହେଲେ ଦ୍ୱିତୀୟ ମୁଖ୍ୟ ଶାସନ ସଚିବ, ଯାହାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା। ପୂର୍ବରୁ ସୁରେଶ ମହାପାତ୍ରଙ୍କ କାର୍ଯ୍ୟକାଳ ଦୁଇ ଥରରେ ଏକ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା। ଶ୍ରୀ ଜେନା ୨୦୨୩ ମାର୍ଚ୍ଚ ମାସରେ ମୁଖ୍ୟ ଶାସନ ସଚିବ



ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ଠାରୁ ବରିଷ୍ଠ ଆଇଏଏସ୍ ଅଧିକାରୀ ଓଡ଼ିଶା କ୍ୟାଡ ?ରେ ଥିଲେ ମଧ୍ୟ ରାଜ୍ୟ ସରକାର ଶ୍ରୀ ଜେନାଙ୍କ ଉପରେ ଆସ୍ଥା ପ୍ରକଟ କରିଥିଲେ। ନିଜ କାର୍ଯ୍ୟଦକ୍ଷତା ପାଇଁ ବହୁ ସମୟରେ ସେ ଚର୍ଚ୍ଚାରେ ରହି ଆସିଛନ୍ତି। ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସେ ଦକ୍ଷତାର ସହ ଦାୟିତ୍ୱ ତୁଲାଇ ଆସିଛନ୍ତି। ଆଇଏଏସ୍ ଅଧିକାରୀ ପ୍ରଦୀପ କୁମାର ଜେନା ଜଣେ ଦକ୍ଷ ପ୍ରଶାସକ ଭାବେ ବେଶ୍ ଜଣାଶୁଣା ଥିଲେ। ୧୯୬୪ ମସିହାରେ ଜନ୍ମିତ ପ୍ରଦୀପ କୁମାର ଜେନା ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରଶିକ୍ଷଣ ପରେ ୧୯୯୧ ମସିହାରେ ପ୍ରଥମେ କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ର ଉପଜିଲ୍ଲାପାଳ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ପରେ ସେଠାରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲ୍ଲାପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। ପରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଭାବେ ତାଙ୍କୁ ବଦଳି କରାଯାଇଥିଲା। ୧୯୯୯ ମସିହାର ମହାବାତ୍ୟା ସମୟରେ ସେ କଟକ ଜିଲ୍ଲାପାଳ ଭାବେ ଅବସ୍ଥାପିତ ହୋଇଥିଲେ। ମହାବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟକୁ ସୁଚାରୁରୂପେ ତୁଲାଇଥିବାରୁ ପ୍ରଦୀପ ଜେନା ରାଜ୍ୟ ଓ ଜାତୀୟ ସ୍ତରରେ ଉଚ୍ଚପ୍ରଶଂସିତ ହୋଇଥିଲେ।

## ସଂ ପା ଦ କୀ ୟ

# ଖୁଞ୍ଚଣା ଡାଙ୍ଗ

ଶୀର୍ଷକ ଶବ୍ଦଟି ବେଶ ଅଜବ ଲାଗୁଥିବ । କାରଣ ଶବ୍ଦଟି ସହିତ ଆମେ ବିଶେଷ ଭାବରେ ଜଡିତ ନୋହୁଁ । ଗାଆଁରେ ରହିଥିବା ଆମ ଭିତରୁ ଅନ୍ଧେ ବହୁତ ଲୋକ 'ଖୁଞ୍ଚଣା ଡାଙ୍ଗ' ଶବ୍ଦଟି ନିଶ୍ଚୟ ଶୁଣିଥିବେ । ମଶାଣିରେ ମାଲ ଭାଇମାନେ (ଶବ ପୋଡୁଥିବା ମଣିଷ) ଶବକୁ ଠିକ୍ ଭାବରେ ଦାହ କରିବା ନିମନ୍ତେ ଗୋଟେ ଲମ୍ବା ଶକ୍ତ ବାଉଁଶ କିମ୍ବା ଅନ୍ୟ କାଠର ବାଡି ସାହାଯ୍ୟରେ ଶବକୁ ଏପଟ ସେପଟ କରି ଖେଞ୍ଚିଥାନ୍ତି । ଶବ ଦାହ ସରିଯିବା ପରେ ଅଧାରୁ ଅଧିକ ଜଳି ଯାଇଥିବା ସେହି ବାଡି ବା ଠେଙ୍ଗାଟିକୁ ସେହିଠାରେ ପକାଇ ଦେଇ ଆସିଥାନ୍ତି । ସେହି ବାଡି ବା ଠେଙ୍ଗା'ଟିକୁ ଖୁଞ୍ଚଣା ଡାଙ୍ଗ ବା କେହି କେହି ଖେଞ୍ଚଣା ଡାଙ୍ଗ କହିଥାନ୍ତି । କାରଣ ସେହି ବାଡ଼ିରେ ଶବକୁ ଠିକ୍ ଭାବରେ ଜଳିଯିବା ପାଇଁ ଖେଞ୍ଚାଖେଞ୍ଚି କରା ଯାଇଥାଏ । ଅନ୍ୟ କେହି ଆଉ କିଛି ଅଲଗା ନାଆଁ କହିଥାଇ ପାରନ୍ତି । ୧୯୮୩-୮୪ ମସିହାରେ ମୁଁ ଅଷ୍ଟମ କି ନବମରେ ପଢୁଥିବା ସମୟରେ ମୋର ସେ ଖୁଞ୍ଚଣା ଡାଙ୍ଗ ବିଷୟରେ ଜମାରୁ ଧାରଣା ନଥିଲା । ଆମ ଗାଆଁରେ ସାମ୍ନାସାମ୍ନି ଦୁଇଟି ତେଜରାତି ଦୋକାନ ଥିଲା । ଗୋଟିଏ ଦୋକାନରେ ବହୁତ ଭିଡ ହଉଥିବା ଦେଖି ମୁଁ ଭିଡ ନଥିବା ସାମ୍ନା ଦୋକାନରୁ ବାରମଜା ୨୦ପଇସାର ଆଣିବାକୁ ଗଲି । ବାରମଜା କିଣି ଖାଉଥିବା ସମୟରେ ଦୋକାନି ଭାଇଙ୍କୁ ପଚାରିଲି ପ୍ରତ୍ୟେକ ଜିନିଷର କିଣା ଦାମ୍ ତୁମେ ଯେତିକି ପଇସା ନେଉଛ ସେ ତ ସେତିକି ପଇସା ନେଉଛନ୍ତି, ହେଲେ ତୁମ ଦୋକାନରେ ଗ୍ରାହକ ଭିଡ ନାହିଁ, ସେପଟେ ସବୁବେଳେ ପୁରା ଖଚା-ଖଚ୍ ଭିଡ କାହିଁକି ? ମୋ ପ୍ରଶ୍ନ ସରିଛି କି ନାହିଁ ସଙ୍ଗେ ସଙ୍ଗେ ଦୋକାନି ଭାଇ କହିଥିଲେ ସେ ପରା 'ଖୁଞ୍ଚଣା ଡାଙ୍ଗ' ପୋତି ଦେଇଛି । ତାର ଲୋକ ହେବେ ନାହିଁ କେମିତି ? ସେଇଟା କଣ ବୋଲି ତାକୁ ପଚାରିବାରୁ, ସେ ଖୁଞ୍ଚଣା ଡାଙ୍ଗ ବିଷୟରେ ଉପରେ ବର୍ଣ୍ଣିତ କଥା ସବୁ କହିଥିଲେ । ତୁମେ କାହିଁକି ତେବେ ତୁମ ଦୋକାନରେ ଆଣି 'ଖୁଞ୍ଚଣା ଡାଙ୍ଗ' ପୋତି ଦେଉନ ? ମୋ ପ୍ରଶ୍ନର ଉତ୍ତରରେ ସେ କହିଥିଲେ; ସେମିତି ହେବନି, ଅମାବାସ୍ୟା କି ସଂକ୍ରାନ୍ତିର ରାତି ଅଧରେ ଲଙ୍ଗଳା ହୋଇ ମଶାଣିକୁ ଯାଇ 'ଖୁଞ୍ଚଣା ଡାଙ୍ଗ' କିଏ ଭଲା ଆଣିବ । ଏତେ ପାଲା କରିବାକୁ ମୋ ପାଖରେ ସମୟ କାହିଁ ? ସେହି ଦିନ ଠାରୁ ସ୍କୁଲ୍ ଯିବା ବାଟରେ ମଶାଣିର ଶବ ଦାହ ସ୍ଥାନ ଆଡ଼କୁ ଚାହିଁ ମୁଁ ଆଉ ମୋର କିଛି ସାଙ୍ଗ ସେଠାରେ ପଡିଥିବା 'ଖୁଞ୍ଚଣା ଡାଙ୍ଗ'କୁ ଦେଖୁ । କିଛିଦିନ ପରେ ମୁଁ ସେହି ଦୋକାନୀ କହିଥିବା କଥା ମୋ ଜେଜି ମାଆକୁ ପଚାରି ବୁଝିବାକୁ ଚାହିଁଲି । ଜେଜି ମାଆ କହିଲା ଦୋକାନି କହିଥିବା କଥା ପୁରା ଠିକ୍ । ପୁଣି ସେ କହିଲା ଖାଲି କଣ ଦୋକାନ, ଆମେ ଲଗାଉଥିବା ପରିବା ଯଥା କଲରା, ଜହ୍ନି, ଛଚିନ୍ଦ୍ରା-ପୋଟଳ ଛାମୁଣ୍ଡିଆ ପାଖରେ ସେହି ଠେଙ୍ଗାର ଟିକିଏ ଅଂଶ ଆଣି ପୋତିଦେଲେ ପ୍ରଚୁର ମାତ୍ରାରେ ଫଳ ଫଳିବ ଆଉ ସେଠାରେ ଚୋରି ବି ହେବ ନାହିଁ । କାରଣ ସେ ଫସଲକୁ ଭୂତ ଜଗି ବସିବ । ସେହି କଥା ଗୁଡ଼ିକ ଶୁଣି 'ଖୁଞ୍ଚଣା ଡାଙ୍ଗ'ର ଅଦ୍ଭୁତ ଚମତ୍କାରିତା କଥା ମୋ ମନକୁ ଆନ୍ଦୋଳିତ କରୁଥାଏ । ଏ କଥା ଗୁଡ଼ିକ କଣ ପ୍ରକୃତରେ ସତ ? ସମସ୍ତ କଥା ସ୍କୁଲ ଯିବା ସମୟରେ ମୋ ସାଙ୍ଗ ବାବୁଲାକୁ କହିଲି । ସେ ଟିକେ ମୋ ଠାରୁ ସାହାସୀ ଥିଲା । ପରୀକ୍ଷା କରିବା କହି ହଠାତ୍ ଦିନେ ଯେଉଁ ଗାଆଁ ମଶାଣିର କେନ୍ଦୁ ଗଛ ମୂଳକୁ ଆମେ ସବୁ ଯିବାକୁ ଡରିଥାଉ, ମତେ ଭିଡିଭିଡି ସେହି ଜାଗାକୁ ନେଇ ବାଉଁଶର 'ଖୁଞ୍ଚଣା ଡାଙ୍ଗ'ରୁ ଅଳ୍ପ ଟିକିଏ ଭାଙ୍ଗି ଆଣି ମତେ ଦେଲା ଓ କହିଲା ଏହାକୁ ନେଇ ତୁମ ଘର ବାହାରେ ଲାଗିଥିବା କଲରା-ମନ୍ଦା'ର ଛାମୁଣ୍ଡିଆ ପାଖରେ ପୋତି ଦେବୁ । ମୁଁ ସେଇଆ କରିଥିଲି । ଆଉ କିଛି ଦିନ ପରେ ସେହି ଦୁଇ କଲରା-ମନ୍ଦା'ରୁ ଏତେ ପରିମାଣରେ ଆଉ ବଡ ବଡ କଲରା ହୋଇଥିଲା ଯେ ଆମେ ଘରେ ଖାଇବା ସହିତ ବନ୍ଧୁ, ବାନ୍ଧବ ଓ ସାହି-ପଡିଶା ସମସ୍ତଙ୍କୁ ବଣ୍ଟା ଯାଇଥିଲା । ସେହି ଦିନ ଠାରୁ 'ଖୁଞ୍ଚଣା ଡାଙ୍ଗ'କୁ ନେଇ ମୋ ପିଲାଳିଆ ମନରେ ବିଶ୍ୱାସ ମିଶା ସନ୍ଦେହ ଜନ୍ମିଲା । ଏତେ କଲରା ଫଳିଲା କେମିତି ? ଏହା ମୋ ନନା (ବାପା) ଦେଇଥିବା ଗୋବର ଖତର କମାଲ୍ ? ନା ଆମ ହଳିଆ ଖଲିଆ ମଉସା ପ୍ରତିଦିନ ସେଠାରେ ଆଣି ଢାଳୁଥିବା ଗାଈ ମୂତର କମାଲ୍ ? ନା ଖୁଞ୍ଚଣା ଡାଙ୍ଗର କମାଲ୍ ? ଆଜି ପର୍ଯ୍ୟନ୍ତ ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସର ଦୋଛକିରେ ମୁଁ ଥିବାବେଳେ ଯଦି କେହି ବନ୍ଧୁ ନିଜର ବ୍ୟବସାୟ ମାନ୍ଦା ଅଛି, କଣ କରିବି ବୋଲି ପଚାରନ୍ତି, ତତ୍କ୍ଷଣାତ୍ ମୋ ପାଟିରୁ ବାହାରିଆସେ 'ଖୁଞ୍ଚଣା ଡାଙ୍ଗ' ଆଣି ପୋତିଦେବା ।

ଜ୍ଞାନ ରଞ୍ଜନ ମିଶ୍ର

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ ।

ମୋବାଇଲ (ହ୍ୱାଟ୍ସଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ପରବର୍ତ୍ତୀ ପର୍ଯ୍ୟାୟରେ ବଲୁଚିସ୍ତାନର ସ୍ୱାଧୀନତା ଆନ୍ଦୋଳନ

ଡ. ସମନ୍ୱୟ ନନ୍ଦ

ଗତ କିଛି ଦିନ ତଳେ ବଲୁଚିସ୍ତାନର ସ୍ୱାଧୀନତା ପାଇଁ ଲଢେଇ ଲଢୁଥିବା ବଲୋଚ ଲିବରେସନ ଆର୍ମୀର ସଦସ୍ୟ ମାନେ ଜାଫର ଏକ୍ସପ୍ରେସ ଟ୍ରେନକୁ ଅପହରଣ କରି ନେଇଥିଲେ । ଏହି ପ୍ରସଙ୍ଗ ଗତ କିଛି କିଛି ଦିନ ଧରି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁରେ ଥିଲା । ଏହି ପ୍ରସଙ୍ଗରେ କଣ ହେଲା ଓ ଏହାର ଫଳାଫଳ କଣ ବାହାରିଲା ସେ ବିଷୟରେ ଆଲୋଚନା କରିବା ଏହି ଲେଖାର ଉଦ୍ଦେଶ୍ୟ ନୁହେଁ ବରଂ ବଲୋଚିସ୍ତାନର ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି, ସ୍ଥିତି ଓ ଏହି ଅପହରଣ ଘଟଣା ପରେ ଏହା କେଉଁ ଆଡକୁ ଅଗ୍ରସର ହେବ ସେ ବିଷୟରେ ଆଲୋଚନା କରିବା ହେଉଛି ଉଦ୍ଦେଶ୍ୟ । ଜାଫର ଏକ୍ସପ୍ରେସକୁ ଅପହରଣ କରାଯିବା କୌଣସି ସାଧାରଣ ଘଟଣା ନୁହେଁ ବରଂ ଏକ ଅସାଧାରଣ ଘଟଣା । ଏହା ପୂର୍ବରୁ ଗତ ଦୁଇ ବର୍ଷ ଧରି ବଲୋଚୀ ସ୍ୱାଧୀନତା ସଂଗ୍ରାମୀ ମାନେ ପାକିସ୍ତାନୀ ସେନାର ଜବାନ, ପୋଲିସ ଓ ପ୍ରଶାସନ ଉପରେ ଆକ୍ରମଣ କରି ଆସୁଥିଲେ । ହେଲେ ଏଭଳି ଭାବେ ଗୋଟିଏ ପୂରା ଟ୍ରେନକୁ ଅପହରଣ କରି ନେବାର ଘଟଣା କେବେ ହେଲେ ଦେଖା ଦେଇ ନ ଥିଲା । ଏହି ଟ୍ରେନରେ ଏତେ ସଂଖ୍ୟକ ପାକିସ୍ତାନୀ ସେନାର ଜବାନ ଓ ଆଇଏସଆଇର କର୍ମଚାରୀ ମାନେ ଉପସ୍ଥିତ ରହିବା ସମ୍ପର୍କରେ ଜାଣିବା,ଏପ ଅପହରଣ କରିବାକୁ ସଠିକ ଯୋଜନା ପ୍ରସ୍ତୁତ କରିବା, ଏହି କାମକୁ କରିବା ପାଇଁ ଆବଶ୍ୟକୀୟ ସମନ୍ୱୟ ସ୍ଥାପିତ କରିବା ହେଉଛି ବଡ କାଠିକର କାମ ଥିଲା । ତେଣୁ ଏହାକୁ ଅତ୍ୟନ୍ତ କଷ୍ଟକର ଅପରେସନ ବୋଲି କୁହା ଯାଇ ପାରେ ।

ଗତ ପାଖା ପାଖି ଏକ ମାସ ତଳେ ବଲୁଚିସ୍ତାନର ସ୍ୱାଧୀନତା ପାଇଁ କାମ କରୁଥିବା ସମସ୍ତ ବଲୋଚ ସମୂହ ମାନେ ଏକାଠି ହୋଇଥିଲେ ଓ ମିଳିତ ଘୋଷଣାନାମା ଜାରୀ କରିଥିଲେ । ଏହି ଘୋଷଣାନାମାରେ ସେମାନେ ମିଳିତ ଭାବେ କହିଥିଲେ ଯେ ଏବେ ସମସ୍ତ ସମୂହ ପାକିସ୍ତାନୀ ସେନା ଓ ଅନ୍ୟ ସରକାରୀ ପ୍ରତିଷ୍ଠାନ ଉପରେ ଅଲଗା ଅଲଗା ନୁହେଁ ବରଂ ମିଳିତ ଭାବେ ଉଚିତ ସମନ୍ୱୟ ରକ୍ଷା କରି ଆକ୍ରମଣ କରିବେ । ଏହି ଘୋଷଣା ନାମା ଜାରୀ ହେବାର ଏକ ମାସ ମଧ୍ୟ ପୂର୍ଣ୍ଣ ହୋଇ ନାହିଁ ଓ ଜାଫର ଏକ୍ସପ୍ରେସର ଅପହରଣ ହୋଇଯାଇଥିଲା । ଏହା ବୋଧ ହୁଏ ଏହି ଘୋଷଣା ହେବା ପରେ ପାକିସ୍ତାନ ବିରୁଦ୍ଧରେ ପ୍ରଥମ ବଡ ଆକ୍ରମଣ । ଏହି ଆକ୍ରମଣ ସ୍ପଷ୍ଟ କରି ଦେଇଛି ଯେ ବର୍ତ୍ତମାନ ବଲୁଚିସ୍ତାନର ସ୍ୱାଧୀନତା ପାଇଁ କାମ କରୁଥିବା ସମସ୍ତ ଶକ୍ତି ମାନେ ଏକଜୁଟ ହୋଇ ମିଳିତ ଭାବେ ଆକ୍ରମଣ କରିବା ଆରମ୍ଭ କରି ଦେଲେଣି । ବଲୁଚିସ୍ତାନର ଏହି ସ୍ୱାଧୀନତା ସଂଗ୍ରାମୀ ମାନେ କଣ ଆତଙ୍କବାଦୀ ସେମାନଙ୍କର କାର୍ଯ୍ୟ ଓ ବ୍ୟବହାର କଣ ଆତଙ୍କବାଦୀଙ୍କ ପରି ରହିଛି ? ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ କାଶ୍ମୀରରେ ସ୍ୱାଧୀନତା ସଂଗ୍ରାମ ଚାଲିଛି ବୋଲି କହି ପାକିସ୍ତାନ ଭାରତକୁ ଭଡାରେ ଆତଙ୍କବାଦୀ ପଠାଇ ଥାଏ । ପାକିସ୍ତାନ ସରକାର ଓ ଆଇଏସଆଇ ଦ୍ୱାରା ପଠାଯାଇଥିବା ଏହି ଆତଙ୍କବାଦୀ ମାନେ ବାଛି ବାଛି ହିନ୍ଦୁ ମାନଙ୍କୁ ହତ୍ୟା କରିଥାନ୍ତି । ସେମାନେ ବସରୁ ଲୋକ ମାନଙ୍କୁ ଓହ୍ଲାଇ ନାମ ପଚାରି ପଚାରି ହିନ୍ଦୁ ହୋଇଥିଲେ ହତ୍ୟା କରିଥାନ୍ତି । ସେମାନେ ଶିଶୁ, ବୟସ୍କ ଲୋକ ମାନଙ୍କୁ ମଧ୍ୟ ଛାଡି ନ ଥାନ୍ତି । ସେମାନେ ଶିଶୁ ମାନଙ୍କୁ ମଧ୍ୟ ନୃଶଂସତାର ସହ ହତ୍ୟା କରିଥାନ୍ତି । ୯୦ ଦଶକରେ କାଶ୍ମୀର ଉପତ୍ୟକା ଜିହାଦ ନାମରେ ଏଭଳି ହିଂସା ବହୁଳ ମାତ୍ରାରେ ଦେଖିଛି । ତା ହେଲେ କଣ ବଲୋଚିସ୍ତାନର ସ୍ୱାଧୀନତା ସଂଗ୍ରାମୀ ମାନେ କଣ ପାକିସ୍ତାନ ଦ୍ୱାରା କାଶ୍ମୀରକୁ ପଠାଯାଇଥିବା ଇସଲାମୀ ଆତଙ୍କବାଦୀଙ୍କ ଭଳି ବ୍ୟବହାର କରୁଛନ୍ତି ? ବଲୋଚ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ବ୍ୟବହାର ଜାଫର ଏକ୍ସପ୍ରେସ ଅପହରଣ ମାମଲାରେ ଆମେ ସ୍ପଷ୍ଟ ଭାବେ ଅନୁଶୀଳନ କରି ପାରିବା । ଏହି ଜାଫର ଏକ୍ସପ୍ରେସ ଟ୍ରେନରେ ପାକିସ୍ତାନୀ ସେନାର କିଛି ଅଧିକାରୀ, ଜବାନ ମାନଙ୍କ ବ୍ୟତୀତ ସାଧାରଣ ଲୋକ ମାନେ ମଧ୍ୟ ଯାତ୍ରା କରୁଥିଲେ । ଟ୍ରେନକୁ ଅପହରଣ କରିବା ପରେ ବଲୋଚ ସ୍ୱାଧୀନତା ସଂଗ୍ରାମୀ ମାନେ ଶିଶୁ, ମହିଳା ଓ ବୟସ୍କ ଓ ସାଧାରଣ ଲୋକ ମାନଙ୍କୁ ଛାଡି ଦେଇଥିଲେ । ସେମାନେ ଏହି ଲୋକ ମାନେ କିପରି ସୁରକ୍ଷିତ ଯାଇ ପାରିବେ ତାର ସମ୍ପୂର୍ଣ୍ଣ ବ୍ୟବସ୍ଥା କରିଥିଲେ । ଏବେ ଯାଏ ସେମାନେ ଯେତେ ଆକ୍ରମଣ କରିଛନ୍ତି କେବେ ହେଲେ ସାଧାରଣ ଲୋକ ମାନଙ୍କୁ ସେମାନେ ଟାର୍ଗେଟ କରି ନାହାନ୍ତି । ଆଉ ଗୋଟିଏ କଥା ହେଲା ଯେ ଟ୍ରେନକୁ ଅପହରଣ କରିବା ପରେ ବଲୋଚ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଦାବି ମଧ୍ୟ କଣ ଥିଲା ତାଙ୍କର ସାଧାରଣ ଦାବି ଥିଲା ଯେ ପାକିସ୍ତାନୀ ସେନା ବଲୋଚିସ୍ତାନର ଯେଉଁ ସାଧାରଣ ଲୋକ ମାନଙ୍କୁ ଉଠାଇ ନେଇ ଯାଇଛି ସେମାନଙ୍କୁ ମୁକ୍ତ କରା ଯାଉ । ଏଠାରେ ଏହା ଉଲ୍ଲେଖ କରିବା ଜରୁରୀ ହେବ ଯେ ପାକିସ୍ତାନୀ ସେନା ବନ୍ଧୁକ ମୂନରେ ବଲୁଚିସ୍ତାନର ସାଧାରଣ ଲୋକ ମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ ସାମିଲ ଥିବା କଥା କହି ସେମାନଙ୍କ ପରିବାର ଲୋକ ମାନଙ୍କୁ ନ ଜଣାଇ ଉଠାଇ ନେଇଥାଏ । ଏଭଳି ହଜାର ହଜାର ନୀରିହ ବଲୋଚ ନାଗରିକ ମାନଙ୍କୁ ପାକିସ୍ତାନୀ ସେନା ଉଠାଇ ନେଇଥାଏ । କିଛି ଲୋକଙ୍କୁ ଜେଲରେ ପୁରାଇଥାଏ ହେଲେ ଅଧିକାଂଶ ବଲୋଚଙ୍କୁ ପାକିସ୍ତାନୀ ସେନା ହତ୍ୟା କରି ଥାଏ । ପାକିସ୍ତାନୀ ସେନା ବଲୋଚ ମାନଙ୍କୁ ଉଠାଇବା ପରେ କିଛି ଲୋକଙ୍କର ମୃତ ଦେହ ମିଳିଥାଏ ତ ଅନେକ ଲୋକଙ୍କ ମୃତ ଦେହ ମଧ୍ୟ ମିଳି ନ ଥାଏ । ପାକିସ୍ତାନ ଦ୍ୱାରା ବଲୋଚିସ୍ତାନର ଆର୍ଥିକ ଶୋଷଣ ତାଙ୍କ ପ୍ରତି ପାକିସ୍ତାନ ଦ୍ୱାରା କରାଯାଉଥିବା ଅନ୍ୟାୟ ପରି ପ୍ରସଙ୍ଗ ବଲୁଚିସ୍ତାନର ସ୍ୱାଧୀନତା ଆନ୍ଦୋଳନର ପ୍ରମୁଖ କାରଣ ନୁହେଁ ବରଂ ପାକିସ୍ତାନୀ ସେନା ଦ୍ୱାରା ବଲୋଚ ଲୋକ ମାନଙ୍କୁ ତାଙ୍କ ପରିବାରକୁ ନ ଜଣାଇ ଅପହରଣ କରିବା ବଲୋଚିସ୍ତାନ ଆନ୍ଦୋଳନ ଏତେ ଉଗ୍ର ରୂପ ନେବାର ମୁଖ୍ୟ କାରଣ । ହଜାର ହଜାର ସଂଖ୍ୟାରେ ରାଜନୈତିକ ବନ୍ଦୀ ବର୍ଷ ବର୍ଷ ଧରି ପାକିସ୍ତାନୀ ଜେଲରେ ଅଛନ୍ତି । ତେଣୁ ଜାଫର ଏକ୍ସପ୍ରେସ ଅପହରଣ କରିଥିବା ବଲୋଚ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଏହି ସାଧାରଣ ଦାବି ଥିଲା । ଆନ୍ଦୋଳନକାରୀ ମାନେ ପାକିସ୍ତାନ ଠାରୁ ଅର୍ଥ ମାଗି ପାରିଥାନ୍ତେ, ଅସ୍ତ୍ର ଶସ୍ତ୍ର ମାଗି ପାରିଥାନ୍ତେ ହେଲେ ସେମାନେ ଏପରି ନ କରି ରାଜନୈତିକ ବନ୍ଦୀ ମାନଙ୍କୁ ମୁକ୍ତ କରିବାର ଦାବି ରଖିଥିଲେ । ମାତ୍ର ପାକିସ୍ତାନୀ ସେନା ଏହି ସାଧାରଣ ଦାବିକୁ ମଧ୍ୟ ପୂରଣ କରି ନ ଥିଲା । ବଲୋଚିସ୍ତାନର ଏହି ସ୍ୱାଧୀନତା ଆନ୍ଦୋଳନର ଅଗ୍ନି ଧୀରେ ଧୀରେ ଜୋର ଧରିବାରେ ଲାଗିଛି । ପୂର୍ବରୁ ବଲୋଚିସ୍ତାନର ପାର୍ବାତ୍ୟାଂଚଳରେ ଏହି ଆନ୍ଦୋଳନର ପ୍ରଭାବ ଦେଖିବାକୁ ମିଳୁଥିଲା । କିନ୍ତୁ ଏବେ ଏହା ଜଙ୍ଗଲର ନିଆଁ ଭଳି ଏହି ଆନ୍ଦୋଳନ ବ୍ୟାପି ସାରିଲାଣି । ବଲୋଚିସ୍ତାନର ସମସ୍ତ ଅଂଚଳରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି । ପାକିସ୍ତାନୀ ସେନାର ପଂଜାବୀ ସୈନିକ ମାନଙ୍କ ପାଇଁ ଓ ପ୍ରଶାସନିକ ଅଧିକାରୀ ମାନେ ଆଉ ବଲୋଚିସ୍ତାନର ଅଂଚଳରେ ପ୍ରବେଶ କରି ପାରୁ ନାହାନ୍ତି । ସବୁ ଆଡୁ ତାଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡୁଛି । ସେମାନେ ଲୁଚି ଲୁଚି ଯାଉଛନ୍ତି । ମୋଟ ଉପରେ କହିବାକୁ ଗଲେ ପାକିସ୍ତାନୀ ସେନାର ନିୟନ୍ତ୍ରଣ ସମାପ୍ତ ହେଉଛି । ଜାଫର ଏକ୍ସପ୍ରେସର ଅପହରଣ ପରେ ବଲୁଚିସ୍ତାନର ସ୍ୱାଧୀନତା ସଂଗ୍ରାମୀ ଠାରୁ ଆରମ୍ଭ କରି ସାଧାରଣ ବଲୋଚ ମାନଙ୍କ ମଧ୍ୟରେ ଉତ୍ସାହ ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି ।

## ଏକାଦଶୀ ଉପବାସ ମାହାତ୍ମ୍ୟ : ୨୨

# ପାପାଙ୍କୁଶା ଏକାଦଶୀ

ସିଦ୍ଧାର୍ଥ ମହାପାତ୍ର

ପ୍ରଭୁ ଶ୍ରୀକୃଷ୍ଣ ଜ୍ୟେଷ୍ଠ ପାଣ୍ଡବ ଯୁଧିଷ୍ଠିରଙ୍କୁ ଆଶ୍ୱିନ ମାସ ଶୁକ୍ଳ ପକ୍ଷ ଏକାଦଶୀ ଅର୍ଥାତ୍ ପାପାଙ୍କୁଶା ଏକାଦଶୀ ବ୍ରତ ବିଷୟରେ କହିଲେ । ପାପାଙ୍କୁଶା ଏକାଦଶୀ ଆଶ୍ୱିନ ମାସ ଶୁକ୍ଳ ପକ୍ଷ ତିଥିରେ ପାଳନ କରାଯାଏ । ଏହି ଏକାଦଶୀ ବ୍ରତ ଦିନ ଶ୍ରଦ୍ଧାର ସହିତ ପାଳନ କରି ଭଗବାନ ବିଷ୍ଣୁଙ୍କୁ ଆରାଧନା କଲେ ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ । ଏହା ଦ୍ୱାରା ପୃଥ୍ୱୀ ଲୋକରେ ସୁନ୍ଦର ସ୍ତ୍ରୀ, ପୁତ୍ର, ଧନ ଓ ସମସ୍ତ ସାଂସାରିକ ସୁଖ ଲାଭ ହୁଏ ଏବଂ ମୃତ୍ୟୁ ପଶ୍ଚାତ ବୈକୁଣ୍ଠ ପ୍ରାପ୍ତି ହୁଏ । ତା ସହିତ ମାତୃ ପକ୍ଷରୁ ଦଶ ପୁରୁଷ ଏବଂ ସ୍ତ୍ରୀ ପକ୍ଷରୁ ଦଶ ପୁରୁଷ ବୈକୁଣ୍ଠ ଲୋକ ପ୍ରାପ୍ତି ହୁଅନ୍ତି । ପୁରାଣରେ ବର୍ଣ୍ଣିତ ଅଛି କି ପ୍ରଭୁ ଶ୍ରୀରାମ ଏହି ଏକାଦଶୀର ଗୋଟିଏ ଦିନ ପୂର୍ବରୁ ଲଙ୍କାପତି ରାବଣ ବଧ କରିଥିଲେ । ଅସୁର କୂଳରେ ଜାତ ହୋଇଥିଲେବି ରାବଣ ଜାତିରେ ବ୍ରାହ୍ମଣ ଏବଂ ମହା ପଣ୍ଡିତ ଥିଲେ । ତେଣୁ ବ୍ରହ୍ମ ହତ୍ୟା ପାପ ନିବାରଣ ପାଇଁ ପ୍ରଭୁ ଶ୍ରୀରାମ, ମାତା ଜାନକୀ, ଲକ୍ଷ୍ମଣ, ହନୁମାନ, ସମସ୍ତ ବାନରସେନା ଏବଂ ଭାଲୁ ମଧ୍ୟ ପାପାଙ୍କୁଶା ଏକାଦଶୀ ବ୍ରତ ପାଳନ ଏବଂ ଉପବାସ କରି ପାପମୁକ୍ତ ହୋଇଥିଲେ । ଏହି ବ୍ରତ କଥା ଶ୍ରବଣରେ ମଧ୍ୟ ରାଜସୂୟ ଯଜ୍ଞ ଏବଂ ଅଶ୍ୱମେଧ ଯଜ୍ଞ ପରି ଫଳ ଲାଭ ହୋଇଥାଏ ।

*ବକ୍ସିବାଟି ରୋଡ, କଟକ-୧*
*ମୋ : ୯୩୩୮୫୭୦୯୯୩*

## ଓଡଗାଁରେ ଗୋଶାଳା ନିର୍ମାଣ ନିମନ୍ତେ ସରକାରୀ ଜମି ଦାବି




ଓଡଗାଁ, (ଆଦର୍ଶ କୁମାର ପଟ୍ଟନାୟକ): ନୟାଗଡ଼ ଜିଲ୍ଲା ଓଡଗାଁକୁ ଆଧାତ୍ମିକ କ୍ଷେତ୍ର ଭାବେ ମାନ୍ୟତା ମିଳିଥିବା ବେଳେ ସ୍ଥାନୀୟ ଅଂଚଳରେ ଗୋ ବଂଶର ସୁରକ୍ଷା ନିମନ୍ତେ ଲୋକଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇଛି । ଏ ପରିପ୍ରେକ୍ଷୀରେ ମଙ୍ଗଳବାର ସ୍ଥାନୀୟ ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସ୍ଥାନୀୟ ତହସିଲଦାର ଡ. ମାନସ ରଂଜନ ଭୋଇଙ୍କୁ ଭେଟି ଗୋଶାଳା ନିର୍ମାଣ ପାଇଁ ସରକାରୀ ଜମି ପ୍ରଦାନ କରିବାକୁ ଦାବି ପତ୍ର ପ୍ରଦାନ କରିଥିଲେ । ତହସିଲଦାର ଏହାକୁ ଗୁରୁତର ସହିତ ଗ୍ରହଣ କରିବା ସହିତ ଏନଏସି ଅନ୍ତର୍ଗତ ମଠ ଖଜୁରିଆ କୁମ୍ଭୀଆପଲ୍ଲୀ ନିକଟରେ ଥିବା ସରକାରୀ ଜମି ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଚିହ୍ନଟ ହୋଇଥିବା କହିଥିଲେ । ଫଳରେ ସ୍ଥାନୀୟ ଅଞ୍ଚଳରେ ଗୋଶାଳା ନିର୍ମାଣ ଆଶା ଉଜ୍ଜଳ ହୋଇଛି ।

## ଡିଜିପି, ଡିସିପିଙ୍କ ବିରୋଧରେ ଲୋକସଭା ବାଚସ୍ପତିଙ୍କୁ ଚିଠି ଲେଖିଲେ ସପ୍ତଗିରି ଉଲାକ୍କା

ଭୁବନେଶ୍ୱର,(ଭିଓଭି): ଡିଜିପି ଓଡ଼ିଶା ଏବଂ ଡିସିପି ଭୁବନେଶ୍ୱରଙ୍କ ବିରୁଦ୍ଧରେ ବିଶେଷାଧିକାର ଉଲ୍ଲଂଘନ ପ୍ରସ୍ତାବ ଆଣିଛନ୍ତି କୋରାପୁଟ ସାଂସଦ ସପ୍ତଗିରି ଉଲାକ୍କା। ଏହି ସମ୍ପର୍କରେ ସାଂସଦ ଲୋକସଭା ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି । ଗତ ୨୨ ତାରିଖରେ କୋରାପୁଟ ସାଂସଦ ସପ୍ତଗିରି ଉଲାକ୍କାଙ୍କୁ ରିଜର୍ଭ ଅଫିସ ଭୁବନେଶ୍ୱରରେ ୩ ଘଂଟାରୁ ଅଧିକ ସମୟ ଧରି ଅଟକାଇ ରଖିବା, ଗାଳିଗୁଲଜ କରିବା, ଜୋରଜବରଦସ୍ତି ଅଟକାଇବା ଏବଂ ବେଆଇନ ଭାବରେ ଅଟକ ରଖିବା ଯୋଗୁଁ ତାଙ୍କର ସଂସଦୀୟ କାର୍ଯ୍ୟ କରିବାରୁ ବାଧା ସୃଷ୍ଟି ହୋଇଥିବା ଅଭିଯୋଗରେ ଡିଜିପି ଓଡ଼ିଶା ଏବଂ ଡିସିପି ଭୁବନେଶ୍ୱରଙ୍କ ବିରୁଦ୍ଧରେ ବିଶେଷାଧିକାର ଉଲ୍ଲଂଘନ ପ୍ରସ୍ତାବ ଉଠାଯାଇଛି।

## ସାଇବର ଫ୍ରଡ୍ ଘଟଣାରେ ଓଡ଼ଗାଁରୁ ୩ ଯୁବକଙ୍କୁ ଉଠାଇନେଲା ଛତିଶଗଡ଼ ପୋଲିସ



ଓଡ଼ଗାଁ (ଆଦର୍ଶ କୁମାର ପଟ୍ଟନାୟକ ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ତଥା ଓଡ଼ଗାଁ ଏନ୍ଏସି ଅଂଚଳର ସାଇବର ଫ୍ରଡ୍ ମାମଲାର ୩ ଅଭିଯୁକ୍ତ ଯୁବକଙ୍କୁ ଉଠାଇନେଲା ଛତିଶଗଡ ପୋଲିସ । ସେମାନେ ହେଲେ ଓଡ଼ଗାଁ ଜାରିଙ୍ଗି ନୂଆ ସାହିର କାମରାଜ ଆଚାରୀଙ୍କ ପୁଅ ଶିବଶଙ୍କର ଆଚାରୀ(୨୩), ମଠଖଜୁରିଆର ମହେଶ୍ୱର ବାରିକଙ୍କ ପୁଅ କାଳୁଚରଣ ବାରିକ(୨୩) ଏବଂ ବିଜୟ ମଣ୍ଡପ ସାହିର ପ୍ରିୟରଞ୍ଜନ ବିଷୋୟୀଙ୍କ ପୁଅ ଦେବନାଥ ବିଷୋୟୀ (୨୦) । ମନି ଲଣ୍ଡ୍ରିଙ୍ଗ ମାମଲାରେ ସମ୍ପୃକ୍ତ ଥିବା ଯୋଗୁଁ ସୁପ୍ରିମକୋର୍ଟଙ୍କ ୱାରେଣ୍ଟର ଏକ ନକଲି ହ୍ୱାଟସପ ମାଧ୍ୟମରେ ଏହି ୩ ଅଭିଯୁକ୍ତ ମିସି ଛତିଶଗଡ଼ ରାଜ୍ୟ କୁତୁଆଲି ଜିଲ୍ଲା ବଲୋଦା ବଜାର ଥାନା ନୂଆ ବସଷ୍ଟାଣ୍ଡ ନିକଟ ଏଫସିଆଇ ଗୋଦାମ ପଛରେ ରହୁଥିବା ରୋସନ କୁମାରଙ୍କ ପତ୍ନୀ ସୃଷ୍ଟି ଗୁପ୍ତା(୩୧)କୁ ଗତ ୧୫ ଜାନୁଆରୀ ୨୦୨୫ରେ ଫୋନ୍ ମାଧ୍ୟମରେ ଗିରଫ ହେବାର ଭୟ ଦେଖାଇ ମାମଲାର ସମାଧାନ ପାଇଁ ଟଙ୍କା ମାଗିଥିଲେ । ବିଭିନ୍ନ ଅଲଗା ଅଲଗା କ୍ୟୁଆର କୋଡ଼ ବ୍ୟବହାର କରି ୟୁପିଆଇ ମାଧ୍ୟମରେ ଏହି ୩ ଅଭିଯୁକ୍ତ ବିଭିନ୍ନ ଜମାଖାତା ମାଧ୍ୟମରେ ୩ ଲକ୍ଷ ୪୮ ହଜାର ଟଙ୍କା ଲୁଟ୍ କରିଥିଲେ । ଉକ୍ତ ଘଟଣା ସମ୍ପର୍କରେ ସୃଷ୍ଟି ଗୁପ୍ତାଙ୍କର ସନ୍ଦେହ ହେବାରୁ ଅନୁସନ୍ଧାନ ପରେ ସେ ସାଇବର ଫ୍ରଡରେ ଫସିଯାଇଥିବା ଜାଣିବାକୁ ପାଇଥିଲେ । ଏବଂ ୪ ଫେବୃଆରୀ ୨୦୨୫ ରେ ସୃଷ୍ଟି ଗୁପ୍ତା ଏନେଇ ବଲୋଦା ବଜାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ୧୨୧/୨୦୨୫ ରେ ମାମଲା ରୁଜୁ କରି ଛତିଶଗଡ଼ ପୋଲିସ ତଦନ୍ତ ଆରମ୍ଭ କରିଥିଲେ । ଶେଷରେ ଛତିଶଗଡ଼ ପୋଲିସ ଓଡ଼ଗାଁରେ ପହଁଞ୍ଚି ଓଡ଼ଗାଁ ଥାନା ପୋଲିସ ସହଯୋଗରେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଥିଲେ । କିନ୍ତୁ ଏମାନଙ୍କ ପଛରେ ଥିବା ମାଷ୍ଟର ମାଇଣ୍ଡ ଅଭିଯୁକ୍ତ ନିକଟରେ ଛତିଶଗଡ଼ ପୋଲିସ ନପହଞ୍ଚିବା ଏବଂ ତାକୁ ଗିରଫ ନକରିବା ଘଟଣାକୁ ନେଇ ସନ୍ଦେହ ପ୍ରକାଶ ପାଉଛି ।

# ପକ୍ଷୀ ବସା ପ୍ରସ୍ତୁତି କର୍ମଶାଳା




ଓଡଗାଁ, (ଆଦର୍ଶ କୁମାର ପଟ୍ଟନାୟକ ): ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତଥା ନୟାଗଡ଼ ଜିଲ୍ଲା ଓଡଗାଁ ବ୍ଲକ ଅନ୍ତର୍ଗତ ରୋହିବାଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟ ର ମିଳିତ ଆନୁକୂଲ୍ୟରେ ପକ୍ଷୀ ବସା ପ୍ରସ୍ତୁତି ସମ୍ପର୍କୀୟ ଏକ କର୍ମଶାଳା ଆୟୋଜିତ ହୋଇଛି । ମଙ୍ଗଳବାର ସ୍କୁଲ ପରିସରରେ ଆୟୋଜିତ କର୍ମଶାଳାରେ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟନାରାୟଣ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିବା ବେଳେ ବିଦ୍ୟାଳୟର ଦୁଇ ଶିକ୍ଷକ ଶିକ୍ଷକ ସନ୍ତୋଷ କୁମାର ସାହୁ ଓ ଲଳିତ ମୋହନ ମିଶ୍ର ଦ୍ୱାରା କର୍ମଶାଳାରେ ଅଂଶଗ୍ରହଣ କରିଥିବା ୫୨ ଜଣ ସ୍ଥାନୀୟ ମହିଳା ପୁରୁଷ ଓ ପୂର୍ବତନ ଛାତ୍ରୀଛାତ୍ର ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଦିନକୁ ଦିନ ମନୁଷ୍ୟ ପ୍ରକୃତି ଛଡା ହେଉଥିବା ବେଳେ ପ୍ରକୃତି ସ୍ୱାଭାବିକ ଭାବେ ଜନ୍ମ ବସତି ଠାରୁ ଦୁରେଇ ଯାଉଛି । ଫଳରେ ବନ୍ୟ ପ୍ରାଣୀ ଓ ପକ୍ଷୀମାନଙ୍କ ନିମନ୍ତେ ଆବଶ୍ୟକ ହେଉଥିବା ପକ୍ଷୀ ବସା ଆଜିର ଦିନରେ ଆଉ ଦେଖିବାକୁ ମିଳୁନାହିଁ । ଏହାକୁ ଗୁରୁତ୍ୱ ଦେବା ସହିତ ସେମାନେ ବଞ୍ଚିଲେ ଆମେ ବଂଚିବା ଆମ ପରିବେଶ ବଂଚିବ ଓ ଏହାର ଉପକାରୀତାକୁ ପ୍ରାଧାନ୍ୟ ଦିଆଯାଇ କର୍ମଶାଳାରେ ସମସ୍ତଙ୍କୁ ନଡ଼ିଆ କତା ରେ ପକ୍ଷୀ ବସା ପ୍ରସ୍ତୁତି ଓ ଏହାର ବ୍ୟବହାର ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇଥିଲା । ଅପରାହ୍ନରେ ଉଦଯାପନି ସଭାରେ ମୁଖ୍ୟ ଅତିଥିଭାବେ ଓଡ଼ଗାଁ ବ୍ଲକ କୃଷି ଅଧିକାରୀ ପ୍ରତିଭା ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଓଡ଼ଗାଁ ସାମ୍ବାଦିକ ସଙ୍ଘ ସଭାପତି ଅଶୋକ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ଆର୍ମି ଭେଟେରାନ ଆଦର୍ଶ କୁମାର ପଟ୍ଟନାୟକ, ଶିକ୍ଷାବିତ୍ ସାରସ କୁମାର ମିଶ୍ର, ଗ୍ରାମ୍ୟ କୃଷି ସହାୟକ ଦେବାଶିଷ ସାହାଣୀ ଯୋଗଦେଇ ପରିବେଶ ପରିବର୍ତ୍ତନ ସାଙ୍ଗକୁ ଘରଚଟିଆ, ଶାଗୁଣା ଆଦିର ମନୁଷ୍ୟ ସମାଜ ପାଇଁ ଉପକାରୀତା ସମ୍ବନ୍ଧୀୟ ବକ୍ତବ୍ୟ ପ୍ରଦାନ କରିଥିଲେ । ୫ ଟି ଦଳ ତିଆରି କରିଥିବା ୧୨ ଟି ପକ୍ଷୀ ବସା ଦେଖି ଅତିଥି ମାନେ ପ୍ରସଂସା କରିବା ସହିତ ସମସ୍ତ ଦଳକୁ ପ୍ରମାନପତ୍ର ପ୍ରଦାନ ସହିତ ଗଛରେ ବସାଗୁଡିକୁ ଟାଙ୍ଗି ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ପ୍ରିୟଦର୍ଶନୀ ମହାପାତ୍ର, ରାଧାଗୋବିନ୍ଦ ନାୟକଙ୍କ ସମେତ ଶିକ୍ଷକ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନାହିଁ ନାହିଁରେ ଚାଲିଛି ଢେଙ୍କାନାଳ ଜିଲ୍ଲା ଭୁବନ ଏନ୍ଏସି ଚିକିତ୍ସାଳୟ

## ଲକ୍ଷେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ବିଫଳ

ଢ଼େଙ୍କାନାଳ (ଭିଓଭି): ସ୍ୱାସ୍ଥ୍ୟସେବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି । ହେଲେ ଭୁବନ ଅଞ୍ଚଳରେ ଥିବା ଲକ୍ଷେ ଲୋକଙ୍କୁ ସେବା ଯୋଗାଉଛନ୍ତି ମାତ୍ର ୧୬ଜଣ ଡାକ୍ତର । ଫଳରେ ଭୁବନ ଚିକିତ୍ସାଳୟ ପାଲଟିଛି ରେଫର କେନ୍ଦ୍ର। ସରକାରୀ ଡାକ୍ତରଖାନାରେ ଷ୍ଟାଫ ଅଭାବ ଯୋଗୁ ରୋଗୀ ମାନେ ବାଧ୍ୟ ହୋଇ ଘରୋଇ ପାଥୋଲାବ ଓ କ୍ଲିନିକ ରେ ଅଧିକ୍ ଫି ଦେଇ ଚିକିତ୍ସିତ ହେଉଛନ୍ତି । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ଟି ବ୍ଲକ ମଧ୍ୟରୁ ଭୁବନ ହେଉଛି ସର୍ବୋତ୍ତମ । ଏଠାକାର ଭୋଟର ସଂଖ୍ୟା ୧ଲକ୍ଷରୁ ଉର୍ଦ୍ଧ । ଏହି ଅଞ୍ଚଳରେ ରହିଛି ୩ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର । ସମୁଦାୟ ୭ଟି ଡାକ୍ତରଖାନାରେ ୫୦ଜଣ ଡାକ୍ତର ରହିବା କଥା କିନ୍ତୁ ମାତ୍ର ୧୦ଜଣରେ ଚାଲିଛି ରୋଗୀ ସେବା କାର୍ଯ୍ୟ । ସବୁଠାରୁ ବଡ ବିଡ଼ମ୍ବନାର ବିଷୟ ହେଉଛି ଭୁବନ ଡାକ୍ତରଖାନା। ଏଠାରେ ସମୁଦାୟ ୧୪ଜଣ ଡାକ୍ତର ରହିବା କଥା । ସେଥି ମଧ୍ୟରୁ ୪ଜଣ ବିଶେଷଜ୍ଞ । ଭୁବନ ଡାକ୍ତରଖାନରେ ଅଛନ୍ତି ମାତ୍ର ଜଣେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଜଣେ ଭେଷଜ ବିଶେଷଜ୍ଞ। ସେହିପରି ମଠକରଗୋଲା ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪ଜଣଙ୍କ ସ୍ଥାନରେ ମାତ୍ର ୪ ଜଣ ସେବା ଯୋଗାଉଛନ୍ତି । ଜିରାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାତ୍ର ୨ ଜଣ। ସେହିପରି ୪ ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୬ଜଣ ସେବା ଯୋଗାଉଛନ୍ତି। ମଠକରଗୋଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ୧୮ଟି ପଞ୍ଚାୟତରେ ୨୧ଟି ସବ ସେଣ୍ଟର କାର୍ଯ୍ୟ କରୁଛି । କିନ୍ତୁ ସବୁଠି ରୋଗୀ ସେବାରେ ସମସ୍ୟା। ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଗତ ବର୍ଷ ଅଗଷ୍ଟ ମାସ ୧୬ ତାରିଖରେ ଅନୁଷ୍ଠିତ ରୋଗୀ କଲ୍ୟାଣ ସମିତି ବୈଠକରେ ଆଲୋଚନା କରାଯାଇଥିଲା । ଆର୍ଥିକ ବର୍ଷ ୨୦୨୪/୨୫ ପାଇଁ ୧୨,୨୫,୫୦୦ (ବାର ଲକ୍ଷ୍ୟ ପଚିଶ ହଜାର ପାଞ୍ଚଶହ) ଟଙ୍କାର ବଜେଟ ପାସକରା ଯାଇଥିଲା କ୍ଷ ଗତ ଆର୍ଥିକ ବର୍ଷର ଖର୍ଚ୍ଚ ହୋଇଥିବା ୨୦୨୩/ ୨୪ ବର୍ଷର ୭,୮୫,୫୪୩ ପାସ କରାଯାଇଥିଲା।

ଡାକ୍ତରଖାନା ପରିସରରେ ଥିବା ୪ର୍ଥ ଶ୍ରେଣୀ ଷ୍ଟାଫ୍ କ୍ୱାଟର ୨୦୧୦ ମସିହାରେ ଆରମ୍ଭ ହୋଇଥିଲା । ସେହିସମୟରେ ଷ୍ଟାଫ୍ କ୍ୱାଟର କଥା ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକୁ ପୂର୍ତ୍ତ ବିଭାଗ ଦ୍ୱାରା ଶେଷ କରାଯିବ ବୋଲି ଆଲୋଚନା ହୋଇଥିଲା । ଶିଶୁ



ଡାକ୍ତର,ସାଇକେଲ ଷ୍ଟାଣ୍ଡ, ଥଣ୍ଡା ଓ ଗରମ ପାଣିକଳ, ନୂତନ ଖାଦ୍ୟ ଯୋଗାଣ କମିଟି, ଡାକ୍ତରଙ୍କ ରାତି ଡ୍ୟୁଟି ଚାର୍ଟ, ଆଦି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବା କଥା। ୩୦୭୦/୧୭.୬.୨୦୨୨ ରିଖ ରେ ୩ ଜାଣିଆ ଟେକ୍ନିକାଲ କମିଟି ରିପୋର୍ଟ ଅନୁଯାୟୀ ୮ ଟି ଏଫ୍ ଟାଇପ୍ କ୍ୱାଟର ରେ ସମସ୍ତ ୨୮,୮୦,୦୦୦ ଟଙ୍କା ବିନିଯୋଗ ହୋଇଛି। ଆଉ ୪ ଲକ୍ଷ ଟଙ୍କା ହେଲେ ସମସ୍ତ ଆବଶ୍ୟକ କାର୍ଯ୍ୟ ହୋଇପାରିବ। ଏହି ୪ ଲକ୍ଷ ଟଙ୍କା ହୋଇପାରୁନି କି ୨ ବର୍ଷରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ବି କ୍ୱାଟର ନିର୍ମାଣ କାର୍ଯ୍ୟରେ ଯବନିକା ପଡୁନି।

ସ୍ଥାନୀୟ ଜନସାଧାରଣଙ୍କ ମୁହଁ ରୁ ମଠକରଗୋଲା ସ୍ୱାସ୍ଥ୍ୟକେନ୍ଦ୍ରଟି ବ୍ଲକର ଏକ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର । ଏଠାରେ କେବଳ ଘର ନିର୍ମାଣ ଚାଲିଛି । ଘର ଗୁଡିକ ଦିନକୁଦିନ ରଙ୍ଗ ବେରଙ୍ଗ କରାଯାଉଛି । କିନ୍ତୁ ଡାକ୍ତର ସେବା ମିଳିବା ସ୍ୱପ୍ନ ହେଉଛି । ସବୁ ଦିନ ବିଭିନ୍ନ ଆଳ ଦେଖାଇ ରହୁନାହାନ୍ତି ଡାକ୍ତର । ସୋମବାରର ଜଣେ ରୋଗୀଙ୍କୁ ନେଇ ଯାଇଥିଲୁ କିନ୍ତୁ ଡାକ୍ତର ବୈଠକ ପାଇଁ ଜିଲ୍ଲାକୁ ଯାଇଥିବାରୁ ନିରାଶରେ ଫେରିଲୁ ବୋଲି କୁହନ୍ତି ଗ୍ରାମବାସୀ କାର୍ତିକେଶ୍ୱର ନାୟକ । ଭୁବନ ଡାକ୍ତରଖାନାରେ ୧୫ବର୍ଷ ହେଲା ଚତୁର୍ଥ ଶ୍ରେଣୀ କର୍ମଚାରୀ ପାଇଁ କ୍ୱାଟର ନିର୍ମାଣ ଚାଲିଛି । ରକ୍ତଭଣ୍ଡାର ପାଇଁ ୧୦ ବର୍ଷ ହେଲା ହୋଇଛି ଶିଳାନ୍ୟାସ । ଶବ ସଂରକ୍ଷଣ ଗୃହ ଅଭାବରୁ ଶବକୁ ବାରଣ୍ଡାରେ ପକାଇ ଦିଆଯାଉଛି । ଲବୋରେଟରି ଟେକ୍ନିସିଆନ ଓ ଏକ୍ସରେ ଷ୍ଟାଫ ସଠିକ ସେବା ଦେବାରେ ବିଫଳ। ଅସୁବିଧା ଭୋଗୁଛନ୍ତି ସାଧାରଣ ଜନତା ଓ ରୋଗୀ । ବୋଲି କୁହନ୍ତି ବରିଷ୍ଠ ନାଗରିକ ଜନସ୍ୱାର୍ଥ ଟ୍ରଷ୍ଟ ଅଧକ୍ଷ ରଥ ସେଠୀ। ଭୁବନ ଡାକ୍ତରଖାନାରେ ୧୪ଜଣ ଡାକ୍ତର ଆବଶ୍ୟକ ଥିବା ବେଳେ ଏବେ ଅଛନ୍ତି ମାତ୍ର ୩ଜଣ। ସରକାରଙ୍କ ପକ୍ଷରୁ ଯାହା ସୁବିଧା ସୁଯୋଗ ଓ ଉପକରଣ ଯୋଗାଇ ଦିଆଯିବା କଥା ଦିଆଯାଇଛି । ଲବୋରେଟରୀ ଓ ଏକ୍ସରେ ଟେକ୍ନିସିଆନ, ଫାର୍ମାସିଷ୍ଟ ଓ ଡାକ୍ତର ପାଇଁ ଲେଖିଚୁ । ସରକାର ବ୍ୟବସ୍ଥା କଲେ ଆହୁରି ଭଲ ରେ ରୋଗୀ ସେବା ହୋଇପାରିବ ବୋଲି କୁହନ୍ତି ଭୁବନ ଡାକ୍ତରଖାନାର ମୁଖ୍ୟ ଡାକ୍ତର ରମେଶ ଚନ୍ଦ୍ର ସାହୁ । ଜିରାଳ ଆମ ଭୁବନ ବ୍ଲକର ଏକ ବଡ ଅଞ୍ଚଳ । ଏହି ଅଞ୍ଚଳ ନିମନ୍ତେ ଏକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି । ଏଠାରେ ୧୪ଜଣ ଡାକ୍ତର ବଦଳରେ ମାତ୍ର ୨ଜଣ ଥିବାରୁ ସ୍ୱାସ୍ଥ୍ୟ ସେବାରେ ଅବ୍ୟବସ୍ଥା ଲାଗି ରହିଛି । ସରକାରଙ୍କୁ ଚେତାବନୀ ଦେଉଛି ବୋଲି କୁହନ୍ତି ଢେଙ୍କାନାଳ ଜିଲ୍ଲା କିଶାନ କଂଗ୍ରେସ ଜିଲ୍ଲା ସଭାପତି ବିପ୍ରବର ସାହୁ ଗତ ବର୍ଷ ଅଗଷ୍ଟ ୧୬ ରେ ରୋଗୀ କଲ୍ୟାଣ ସମିତି ବୈଠକ ହୋଇଥିଲା। ୨୦୧୦ ମସିହାର ବ୍ଲକ ଅଧକ୍ଷ ଶିଳାନ୍ୟାସ କରିଥିଲେ ୪ର୍ଥ ଶ୍ରେଣୀ ଷ୍ଟାଫ୍ କ୍ୱାଟର। ସେତେବେଳେ ର ବ୍ଲକ ଅଧକ୍ଷ ଆଜି ର ବିଧାୟକ । କେବେ ହୋଇବ ଶେଷ କ୍ୱାଟର ନିର୍ମାଣ ଆଉ ରହିବେ କର୍ମଚାରୀ ବୋଲି ପଚାରିଛନ୍ତି କମ୍ୟୁନିଷ୍ଟ ନେତା ଶିବରାମ ସାହୁ।

# ବିନା ଫଳକରେ ରାସ୍ତା ଓ କଲଭର୍ଟ କାମ

- ଭଙ୍ଗା କଲଭର୍ଟରେ ସିମେଣ୍ଟ ମାରି ବିଲ୍ କଲେ ଠିକାଦାର
- ତଦନ୍ତ ଦାବି କଲେ ସ୍ଥାନୀୟ ବାସିନ୍ଦା

ନବରଙ୍ଗପୁର (ଭିଓଭି): ପୁରୁଣା କଲଭର୍ଟ କୁ ସିମେଣ୍ଟ ଗୋଳା ପାଣି ଏବଂ କିଛି ପ୍ଲାଷ୍ଟର କରି ନୂଆ ରୂପ ଦେଇ ଟଙ୍କା ହଡପ ପାଇଁ ଯୋଜନା ଚାଲିଛି। ରାସ୍ତାରେ ପୂର୍ବରୁ ଥିବା ଏକ ଭଙ୍ଗା କଲଭର୍ଟ ରେ କିଛି ସିମେଣ୍ଟ ମାରି ଚାରିପଟୁ ନୂଆଁ କରିବାକୁ ଚେଷ୍ଟା କରାଯାଇଛି। ନବରଙ୍ଗପୁର ବ୍ଲକ ଆଦର୍ଶ ବିଦ୍ୟାଳୟ ନିକଟ ଦେଇ ଦେଓଳା ଗାଁକୁ ଯାଇଥିବା ରାସ୍ତାରେ ଏପରି କରାଯାଇଛି। ଏହି ରାସ୍ତା କାମ ପାଖରେ କୌଣସି ସୂଚନା ଫଳକ ନଥିବାରୁ ଏହି ରାସ୍ତା ଓ କଲଭର୍ଟ କାର୍ଯ୍ୟ କେଉଁ ବିଭାଗ କରିଛି ତାହା ଜାଣିବାକୁ ଚାହୁଁଛନ୍ତି ସ୍ଥାନୀୟ ବାସିନ୍ଦା। ଏ ବିଷୟରେ ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ ପଚାରିଲେ ସେ କହୁଛନ୍ତି ଏହା ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା କରାଯାଇଥାଇପାରେ, ସେପଟେ ଆଦିବାସୀ ଉନ୍ନୟନ ବିଭାଗ ପ୍ରକଳ୍ପ ଅଧିକାରୀ କହୁଛନ୍ତି ଏହା ଆମ ବିଭାଗର କାମ ନୁହେଁ। ତେବେ ଏଠି ପ୍ରଶ୍ନ ଉଠୁଛି ଏହି ଉନ୍ନୟନ କାମ କରିବା ପାଇଁ କେଉଁ ଉଚ୍ଚ ଅଧିକାରୀ ଅନୁମୋଦନ କରିଛନ୍ତି। ଦୁଇ ବିଭାଗର କନିଷ୍ଠ ଯନ୍ତ୍ରୀ ମାନଙ୍କୁ ପଚାରିଲେ ସେମାନେ ମଧ୍ୟ ଜାଣି ନଥିବା କହୁଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ହେଲା ଯଦି ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ ଜାଣି ନାହାନ୍ତି ତାହେଲେ ଏକ୍ଷେତ୍ରରେ ପ୍ରଶାସନ ଓ ସରକାର କିଏ ଏହି କାର୍ଯ୍ୟ କରିଛନ୍ତି ଖୋଜିବାକୁ ପଡିବ ବୋଲି ଅଭିଯୋଗ ହେଉଛି । ନବରଙ୍ଗପୁର ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟ ନିକଟରୁ ଦେଓଳା ଯିବାପାଇଁ ପୂର୍ବରୁ ମାଟି ମୁରମ ରାସ୍ତା ରହିଛି।



ଏହି ରାସ୍ତାର ମଧ୍ୟ ଭାଗରେ ପୂର୍ବରୁ ଏକ କଲଭର୍ଟ ରହିଥିଲା । ଭରିଯାନ ଯିବା ଆସିବା କରିବା ଦ୍ୱାରା ତାହା ଭଙ୍ଗା ଅବସ୍ଥାରେ ଥିଲା । ଉକ୍ତ ଭଙ୍ଗା କଲଭର୍ଟ ଉପରେ ସ୍ଲାବ ପକାଇ ଚାରିଆଡେ କିଛି ମରାମତି କରି ନୂଆ କଲଭର୍ଟର ରୂପ ଦିଆଯାଇଛି ।ଏପରି ନିମ୍ନମାନର କାମ କରି ସମ୍ପୃକ୍ତ ବିଭାଗ ଏବଂ ଠିକାଦାର ଟଙ୍କା ହଡପ କରିବାକୁ ମସୁଧା କରିଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଉକ୍ତ କାର୍ଯ୍ୟ ନିକଟରେ କୌଣସି ସୂଚନା ଫଳକ ନଥିବାରୁ ଏହି କାମ କାହାର ଜଣାପଡୁନାହିଁ । ନବରଙ୍ଗପୁର ବ୍ଲକ ଭତରା ସିୟୁନି ପଞ୍ଚାୟତ ଓ ବିକ୍ରମପୁର ପଞ୍ଚାୟତ ସୀମାରେ ଏହି ରାସ୍ତା ରହିଛି । ବିକ୍ରମପୁର ପଂଚାୟତ ନିର୍ବାହୀ ଅଧିକାରୀ ହରେକୃଷ୍ଣ ବିଶୋଇ ଏହି କାର୍ଯ୍ୟ ପଞ୍ଚାୟତ ପକ୍ଷରୁ କରାଯାଇ ନାହିଁ ବୋଲି କହିଛନ୍ତି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ପକ୍ଷରୁ ଏହି କାମ ହୋଇନାହିଁ ବୋଲି ପିଏ ଆଇ ଟି ଡ଼ି ଏ ରାଜୀବ କୁମାର ସାହୁ କହିଛନ୍ତି । କନିଷ୍ଠ ଯନ୍ତ୍ରୀ ତପନ ସିଂ ମଧ୍ୟ ଏହିଭଳି କିଛି କାମ କରାଯାଇନାହିଁ ଏବଂ ଯଦି କିଛି କାମ ହୋଇଥାନ୍ତା ତେବେ ସେ ନିଶ୍ଚୟ ଭାବେ ଜାଣିଥାନ୍ତେ ବୋଲି କହିଛନ୍ତି। ସେ ମଧ୍ୟ ଏହା ବ୍ଲକ ପକ୍ଷରୁ କାମ ହୋଇଥିବ ବୋଲି କହିଛନ୍ତି । ଏନେଇ ବିଡ଼ିଓ ସୁନୀଲ ଖରାଙ୍କୁ ପଚରିବାରୁ ସେ ମଧ୍ୟ ବ୍ଲକ ପକ୍ଷରୁ ସେହିଭଳି କିଛି କାମ ହୋଇନାହିଁ ବୋଲି କହିଛନ୍ତି । ସହକାରୀ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ବେହେରା ବ୍ଲକ ତରଫରୁ ସେହିଭଳି କୌଣସି ପ୍ରକଳ୍ପ ଅନୁମୋଦନ ହୋଇନଥିବା କହିଛନ୍ତି। ଏଠି ପ୍ରଶ୍ନ ଉଠୁଛି ଦୁଇଟି ବିଭାଗ ପକ୍ଷରୁ କଲଭର୍ଟ ନିର୍ମାଣ କାର୍ଯ୍ୟ ହୋଇ ନଥିବା କହୁଥିବା ବେଳେ ଉକ୍ତ ରାସ୍ତା ଗ୍ରାମ୍ୟ ନିର୍ମାଣ ବିଭାଜନର ମଧ୍ୟ ନୁହେଁ ବୋଲି ଜଣାପଡିଛି। ତେବେ ବିନା ସୂଚନା ଫଳକରେ ହୋଇଥିବା ରାସ୍ତା ଏବଂ କଲଭର୍ଟ ନିର୍ମାଣ କିଏ କରିଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।ତେବେ ଏହି କାମ କେଉଁ ବିଭାଗ କରୁଛି ଏବଂ ଏଭଳି ନିମ୍ନମାନର କାମ ର ତଦନ୍ତ କରି ଜିଲ୍ଲା ପ୍ରଶାସନ ଲୋକଲୋଚନକୁ ଆଣିବା ସହ କାର୍ଯ୍ୟାନୁଷ୍ଠାନ ର ଆଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହୋଇଛି ।

# ମାଫିଆ ସକ୍ରିୟ ଜଙ୍ଗଲ ଜାତ ଦ୍ରବ୍ୟର ଚାଲିଛି ଚୋରା ଚାଲାଣ

ଶେରଗଡ଼,(ଭିଓଭି): ଦିନକୁ ଦିନ ବଢିବାରେ ଲାଗିଛି ବେଆଇନ ଜଙ୍ଗଲ ଜାତ ଦ୍ରବ୍ୟ ପରିବହନ। ଏହା ଗ୍ରାମାଞ୍ଚଳ ରୁ ଆରମ୍ଭ ହୋଇ ସହରାଞ୍ଚଳ ପର୍ଯ୍ୟନ୍ତ ରାକେଟ ଲମ୍ବିଛି । ଲୋକଙ୍କ ଚାଇଦା ମୁତାବକ ମାଫିଆ କରୁଛନ୍ତି ବେଆଇନ ଚାଲାଣ। ଚାଲାଣ ବେଳେ ବିଭିନ୍ନ ପୁରୁଣା ଗାଡ଼ି ବ୍ୟବହାର ହେଉଥିବା ଦେଖିବାକୁ ମିଳେ । ଯେଉଁଥିରେ ନାମକୁ ମାତ୍ର ଜିଲ୍ଲା ପରିବହନ ବିଭାଗ ଅଧିନରେ ରେଜିଷ୍ଟ୍ରେସନ୍ ହୋଇଥାଏ। ସେହି ଗାଡ଼ିର ପରିବହନ ନିୟମ ଅନୁସାରେ ଫିଟନେସ, ରୁଟ ପରମିଟ୍, ବୀମା, ପଲୁସନ୍ ଏପରି ବହୁ କ୍ଷେତ୍ରରେ କିଛି କାଗଜ ପତ୍ର ନଥିବା ଦେଖିବାକୁ ମିଳୁଛି। ଏପରି କିଛିଦିନ ହେବ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିନସ୍ଥ ଆସିକା ବନାଞ୍ଚଳ ପରିସୀମା ଭିତରେ ଥିବା ଶେରଗଡ଼ ଅଞ୍ଚଳରେ ଅବାଧ ଭାବେ ମାଫିଆ କରୁଛନ୍ତି ଚାଲାଣ ।ବହୁବାର ବେଆଇନ କାଠ ଓ ବାଉଁଶ ଚାଲାଣ ଦିବାରାତ୍ର ହେଉଥିବା ନେଇ ନଜିର ରହିଛି। ଏପରି ଚାଲାଣ ଦ୍ୱାରା ଗମ୍ଭୀର ପରିସ୍ଥିତି, ଯାହା ପର୍ଯ୍ୟାବରଣ, ସ୍ଥାନୀୟ ଅର୍ଥନୈତିକ ପରିସ୍ଥିତି ଏବଂ ଜନଜୀବନକୁ ପ୍ରଭାବିତ କରୁଛି। ଓଡ଼ିଶା କାଠ ଏବଂ ଅନ୍ୟାନ୍ୟ ଜଙ୍ଗଲ ଉତ୍ପାଦନ ପରିବହନ ନିୟମାବଳୀ, ୧୯୮୦ ଅନୁସାରେ ଜଙ୍ଗଲ ଉତ୍ପାଦନ ଦ୍ରବ୍ୟ ପରିବହନ କରିବା ପାଇଁ ଏକ ବୈଧ ଅନୁମତିପତ୍ର ଆବଶ୍ୟକ, ଯାହା ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥାଏ। ଏହି ନିୟମ ଲାଗୁ ହୋଇଥିବା ବେଳେ ମଧ୍ୟ ଏହାକୁ କେହି ଖାତିର କରୁନଥିବା ପରିଲକ୍ଷିତ ହେଉଛି। ଶେରଗଡ଼ ଅଞ୍ଚଳରେ ଏପରି ବ୍ୟବସାୟ ଆରମ୍ଭ ହୋଇଥିବା ବେଳେ ମଧ୍ୟ ବନ ବିଭାଗ ଅଧିକାରୀଙ୍କ ମଧୁଚନ୍ଦ୍ରିକରେ ଏପରି ଚାଲାଣ ହେଉଥିବା ନେଇ ବୁଦ୍ଧିଜୀବୀ କହୁଛନ୍ତି। ଗତ କିଛଦିନ ପୂର୍ବରୁ କିଛି ବ୍ୟକ୍ତି ଏପରି ଚାଲାଣକୁ ନେଇ ପ୍ରତିବାଦ କରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା ।ଚାଲାଣ କରୁଥିବା ଡ୍ରାଇଭର ଜନକ ନାଲିଆଖି ଦେଖାଇବା ସହ ଧମକ ଦେଇଥିବା କହିଛନ୍ତି ଜଣେ ଯୁବକ। ଏପରିକି ଉକ୍ତ ଗାଡ଼ିର କୌଣସି ପରମିଟ୍ କିମ୍ବା ବୀମା ଅବଧି ନଥିବା ଦେଖିବାକୁ ମିଳିଛି। ପରବର୍ତ୍ତୀ ସମୟରେ ଏହି ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଛି। ଯେପରି ଗୋଟିଏ ପଟେ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ ଏପରି ବେଆଇନ ଚାଲାଣ ବୃଦ୍ଧି ହେଉଥିବା ବେଳେ ଆଗାମୀ ଦିନରେ ଏହାକୁ ଆୟତ୍ତ ନ କରାଗଲେ ମାଫିଆ ରାଜ ଚାଲିବା ସମ୍ଭାବନା ରହିଛି ।ପୁଲିସ ପକ୍ଷରୁ ଘଟଣାକୁ ନେଇ ଖୋଲତାଳ ଆରମ୍ଭ କରିଥିବା ବେଳେ ଏପରି ଗାଡ଼ିକୁ ଧରିବା ପାଇଁ ଚଢ଼ାଉ ଜାରି ରଖିଛି ।

# ଜୟପୁର ଡମ୍ପିୟାର୍ଡରେ ଲାଗିଲା ନିଆଁ

## ଦୁର୍ଗନ୍ଧ ଓ ଦୁଷିତ ବାୟୁ ଯୋଗୁଁ ଲୋକେ ଅକ୍ତାମାକ୍ତା, ପ୍ରଶାସନ ନୀରବଦ୍ରଷ୍ଟା

ଜୟପୁର,(ଭିଓଭି): କୋରାପୁଟ ଜିଲ୍ଲା ଜୟପୁର ପୌରପାଳିକାର ଅଧିନରେ ଥିବା ଡମ୍ପିୟାର୍ଡରେ ଲାଗିଲା ନିଆଁ। କେତେବେଳେ ଡମ୍ପିଂୟାର୍ଡରେ ତୋ କେତେବେଳେ ପୌରପାଳିକାର ଟ୍ରାକ୍ଟର ଓଳିଆ ନେଇ ଯାଉ ଥିବା ବେଳେ ଲାଗୁଛି ନିଆଁ। ଏହାକୁ ନେଇ ପୁଣି ପ୍ରଶ୍ନ ଘେରରେ ଜୟପୁର ମ୍ୟୁନିସିପାଲିଟି। ଜୟପୁର ପୌର ପାଳିକା ବିବାଦ ରୁ ହଟିବା ପ୍ରଶ୍ନ ଉଠୁନାହିଁ ।ଏବେ ପୁଣି ତାଙ୍କ ଅଧିନରେ ଥିବା ଡମ୍ପିୟାର୍ଡ କୁ ନେଇ ସାଧାରଣ ମହଲରେ ଅସନ୍ତୋଷ ବଢୁଛି ।ଜୟପୁର ପୌରପାଳିକାକୁ ସରକାରଙ୍କ ଦ୍ୱାରା ମକାପୁଟ ଠାରେ ଯୋଗାଇ ଦିଆଯାଇଥିବା ଅଳିଆ ଜମା କରିବା ସ୍ଥାନ ଡମ୍ପୟାର୍ଡରେ ଲାଗିଛି ଭିଷଣ ନିଆଁ। ପୌରପାଳିକାର ଅବହେଳା ଯୋଗୁଁ ନିରବଦ୍ରଷ୍ଟା ଯୋଗୁଁ ଏଭଳି ଘଟଣା ଦେଖିବାକୁ ମିଳିଛି ବୋଲି ବୁଦ୍ଧିଜୀବୀମାନେ ମତ ବ୍ୟକ୍ତ କରିଛନ୍ତି। ଗୋଟିଏ ପଟେ ଭୀଷଣ ଗରମ ଆଉ ଗୋଟିଏ ପଟେ ଭୀଷଣ ନିଆଁ। ସେପଟେ ଚାରିପଟେ ବ୍ୟାପୁଛି ଦୂଷିତ ବାୟୁ ଯାହାକୁ ନେଇ ଏବେ ପୁଣି ଆରମ୍ଭ ହେଲା ଚର୍ଚ୍ଚା। ନିକଟରେ ଥିବା ଗ୍ରାମବାସୀ ମାନେ ଏହି ସମସ୍ୟା ଘେରରେ ବର୍ତ୍ତମାନ ରହିଥିବା କହିଛନ୍ତି। ଦୀର୍ଘ ଦିନ ଧରି ଉକ୍ତ ଡମ୍ପିଂୟାର୍ଡ କୁ ସେ ସ୍ଥାନରୁ ହଟାଇବା ପାଇଁ ପ୍ରଶାସନ ପାଖରେ ନିକଟରେ ଥିବା ଗ୍ରାମବାସୀ ମାନେ ଦ୍ୱାରସ୍ଥ ହୋଇଥିଲେ କିନ୍ତୁ ଆଜି ସୁଦ୍ଧା କୌଣସି ପ୍ରକାର



ସୁଫଳ ମିଳିନାହିଁ ବୋଲି ସ୍ଥାନୀୟ ବାସିନ୍ଦା ମତବ୍ୟକ୍ତ କରିଥିଲେ । ଆଗାମୀ ଦିନରେ ବର୍ଷା ଋତୁ ରହିଛି। ବର୍ଷା ହେବା ଦ୍ୱାରା ଏହି ଡମ୍ପିଂୟାର୍ଡ ରୁ ବିଭିନ୍ନ ପ୍ରକାର କିଟ ପତଙ୍ଗ ସବୁ ନିକଟରେ ଥିବା ଗାଁ ମାନଙ୍କରେ ଥିବା ଘରେ ମଧ୍ୟ ପଶିଯାଉଥିବା ପୂର୍ବ ଦିନରେ ଅଭିଯୋଗ ହେବା ସହିତ ଦେଖିବାକୁ ମଧ୍ୟ ମିଳିଥିଲା। ଗୋଟିଏ ପଟେ ପ୍ରଦୂଷଣ ବୋର୍ଡ ନୀରବ ଦ୍ରୋଷ୍ଟା ସାଜିଥିବା ବେଳେ ଜୟପୁର ପୌର ପାଳିକା ଠିକା ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ଏବେ ସାମ୍ନାକୁ ଆସିଛି ।ଯଦି ପ୍ରଶାସନ ତରଫରୁ ଯେଉଁ ଠିକା ସଂସ୍ଥା କୁ ଏହାର ରକ୍ଷଣାବେକ୍ଷଣ ସହ ତଦାରଖ ର ଦାୟିତ୍ୱ ଦିଆଯାଇଥିଲା ତେବେ ସେ ଠିକା ସଂସ୍ଥା ବିରୁଦ୍ଧରେ ପୌର ପ୍ରଶାସନ କାହିଁକି ଉଚିତ୍ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାରମ୍ବାର ଡମ୍ପିଂୟାର୍ଡ ନିକଟରେ ଥିବା ଗ୍ରାମବାସୀ ମାନେ ଅନେକ ଥର ଅଭିଯୋଗ କରିଆସୁ ସୁଦ୍ଧା କେହି ଜଣେ ବି କର୍ଣ୍ଣପାତ କରି ନ ଥିବା ସ୍ଥାନୀୟ ଗ୍ରାମବାସୀ ମାନେ କହିଛନ୍ତି। ଏବଂ ଠିକା ସଂସ୍ଥା ମାଲିକ ଓ ପୌର ପ୍ରଶାସନ ମଧ୍ୟରେ କୌଣସି ଭିତରିଆ ମଧୁ ଚନ୍ଦ୍ରିକା ଥାଇ ପାରେ ତେଣୁ ଠିକା ସଂସ୍ଥା ମାଲିକ ବିରୁଦ୍ଧରେ ପୌର ପ୍ରଶାସନ ତରଫରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ନିକଟରେ ଥିବା ଗ୍ରାମବାସୀ ମାନେ ମତପ୍ରକାଶ କରିଛନ୍ତି ।ପ୍ରଦୂଷିତ ବାୟୁ ମଣ୍ଡଳ ରେ ସହର ବାସୀ ଅସ୍ୱାସ୍ଥ୍ୟକର ପରିବେଶରେ ନାଚାର ରୂପେ ରହିବାକୁ ବାଧ ହେଉଛନ୍ତି ବୋଲି ଚର୍ଚ୍ଚା ହେଉଛି। ପୌର ପକ୍ଷରୁ ଏକ ଅନାମଧେୟ ସଂସ୍ଥାକୁ ଏହି ମକାପୁଟ ଡମ୍ପିଂୟାର୍ଡରୁ ପଲିଥିନ ଏବଂ ଅନ୍ୟାନ୍ୟ ସାମଗ୍ରୀ ଛାଣ୍ଟି ଅଳିଆ ଗୁଡ଼ିକୁ ବ୍ୟବହାର ଉପଯୋଗୀ କରିବାକୁ ଠିକା ଦେଇଥିଲେ ସୁଦ୍ଧା ପୌରପାଳିକା ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଙ୍କ ସଠିକ ଭାବରେ ତଦାରଖର ଅଭାବ ଏବଂ ରାଜ୍ୟ ପ୍ରଦୂଷଣ ବୋର୍ଡର ପୌରପାଳିକାକୁ ତାଗିଦ ର ଅଭାବ ଯୋଗୁଁ ଆବର୍ଜନା ଗୁଡ଼ିକ ସ୍ୱଳ୍ପ କାଳ ବୈଶାଖୀ ପବନରେ ଉଡ଼ି ଇତସ୍ତତ ଉଡୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ।

# ରାସ୍ତା ମରାମତି କାର୍ଯ୍ୟରେ ନିମ୍ନମାନର ବ୍ୟାପକ ଅନିୟମିତତା ଅଭିଯୋଗ

କୁଜଙ୍ଗ,(ଭିଓଭି): ରାସ୍ତା ମରାମତୀ କାର୍ଯ୍ୟରେ ଅନିୟମିତତା। ନିମ୍ନ ମାନର କାର୍ଯ୍ୟ କରି କୋଟିପତି ହେବାର ଶୋପ୍ନ ଦେଖୁଛନ୍ତି ଠିକାଦାର ।ମରାମତୀ କାର୍ଯ୍ୟକୁ ତଦାରଖ କରିବା ବଦଳରେ ନିଘୋଡ଼ ନିଦ୍ରାରେ ଶୋଇ ରହିଛନ୍ତି କୁଜଙ୍ଗ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତୃପକ୍ଷ। ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ କୋଠୀ ପଞ୍ଚାୟତ ଶିଜୁ ଗ୍ରାମରୁ- କତକୁଲା ଗ୍ରାମକୁ ସଂଯୋଗ କରୁଥିବ ରାସ୍ତା ଦୀର୍ଘ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିଲା ।ପ୍ରତେକ ଦିନ ଏହି ରାସ୍ତାରେ ହଜାର ହଜାର ପଥଚାରୀ ଯାତାୟତ କରୁଥିବା ବେଳେ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ ।ତେବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଥିବା ଏହି ରାସ୍ତାକୁ ମରାମତୀ କରିବା ନିମନ୍ତେ କୁଜଙ୍ଗ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କାର ବ୍ୟୟ



ବରାଦ କରାଯାଇଛି ।ମାତ୍ର ରାସ୍ତା ମରାମତୀ କାର୍ଯ୍ୟକୁ ନିମ୍ନ ମାନର କରୁଛନ୍ତି ଠିକାଦାର ବାବୁ ଜଣକ। ଯାହାକୁ ନେଇ ସହି ସ୍ଥାନୀୟ ଅଞ୍ଚଳର ଅଧିବାସୀ ତଥା କୋଠୀ, ନୁଣୁକୁଆ, ଝୀମାଣୀ,ଶିଜୁ ଗ୍ରାମର କେତେକ ଲୋକେ ଗଣ ମାଧ୍ୟମ ଜରୀଆରେ ଅଭିଯୋଗ କରିଛନ୍ତି ।ଏହା ସହ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକ ଲାଗି ରହିଥିବାରୁ ଏପରି ନିମ୍ନ ମାନର ମରାମତି କାର୍ଯ୍ୟ ହେଉଛି ବୋଲି ଦର୍ଶାଇ ଥିବା ବେଳେ ସହି ସଲାମତ ଭାବେ କାର୍ଯ୍ୟ କରିବା ପାଇଁ ନିବେଦନ କରିବା ସହ ଏହାକୁ ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ଦାବୀ କରାଯାଇଛି।

# Chipko Andolan: A True Feminist Movement
# Sundarlal Bahuguna: The Man Who Taught India to Hug Trees



Nihar Ranjan Acharya

The **Chipko Andolan** (Hug the Trees Movement) is one of the most inspiring environmental movements in India, symbolizing grassroots resistance against deforestation and ecological destruction. However, beyond its environmental significance, Chipko was also a powerful feminist movement, where rural women stood at the forefront to protect their forests— the very lifeline of their existence.

**Chipko Andolan: Women as the First Line of Defense**

While Sundarlal Bahuguna remains the most recognized face of Chipko, it was the women of the Himalayan villages who first led this movement. In the 1970s, when the forests of Uttarakhand (then part of Uttar Pradesh) were being rapidly exploited for commercial logging, these women—mostly from poor, agrarian backgrounds—took an extraordinary stand.

For them, trees were not just timber but a source of survival—they provided firewood, fodder, and even protected the soil from erosion. When government-backed contractors arrived to fell trees, the women physically embraced the trees, preventing their destruction with their own bodies. This act of tree-hugging, from which the movement got its name, became a powerful symbol of feminine resistance against environmental injustice.

**A True Feminist Movement: Women Reclaiming Their Rights**




The Chipko Movement was not about abstract political ideologies but about real empowerment—women reclaiming their rights over natural resources that sustained their families and villages.

1. Women as Environmental Warriors – While the men of the villages often migrated for work, the women were the primary caretakers of land, water, and forests. Their direct relationship with nature made them the strongest voices in its defense.

2. Challenging Patriarchy and Capitalism – The Chipko women defied both male-dominated governance and corporate greed. They showed that feminism is not just about gender equality in workplaces but also about ensuring economic and ecological justice for marginalized women.

3. The Leadership of Gaura Devi – One of the most remarkable figures in the movement was Gaura Devi, an illiterate but deeply wise woman from Reni village. She led a group of women to confront loggers, saying:

"These forests are our mothers; we will not let you cut them down."

Her courage inspired thousands of others, making Chipko a movement of collective female strength.

**Sundarlal Bahuguna: The Man Who Taught India to Hug Trees**

Although women were at the heart of Chipko, it was Sundarlal Bahuguna who gave it a national and global voice. A Gandhian environmentalist, he championed the idea of nonviolent resistance to protect nature.

1. The Message of "Ecology is Permanent Economy" – Bahuguna's slogan highlighted that true economic prosperity lies in ecological sustainability, not in exploiting nature for short-term gains.

2. Long Marches for Forest Conservation – He undertook a 5,000-km foot march across the Himalayas, raising awareness about deforestation and advocating for local control over natural resources.

3. Persuading the Government – Due to his relentless activism, the Indian government eventually banned commercial deforestation above 1,000 meters in the Himalayan region in 1980.

Chipko's Legacy: More Than Just an Environmental Movement

The Chipko Andolan set the foundation for many eco-feminist movements worldwide. It inspired similar movements like the Appiko Movement in Karnataka and played a crucial role in shaping India's environmental policies.

Today, Chipko reminds us that feminism and environmentalism are deeply interconnected. It was a movement where women protected both nature and their own future, proving that when we defend the environment, we also defend justice, equality, and life itself.

**Conclusion**

Sundarlal Bahuguna and the brave women of Chipko taught India to embrace trees, not cut them down. In a time when environmental destruction continues unchecked, their message is more relevant than ever:

Hug the trees, protect the Earth, and respect the hands that nurture both."

***Founder and Working Director, Trust***
***Ph. 8249775817***
*Email: niharacharya1973@gmail.com*

# PLANETS THROUGH PLANTS: AN ASTROLOGICAL CONNECTION.

Ranjit Pattnaik
Chief Reporter

As per the Hindu mythology and Vedic astrology, the planets of our solar system hold an important position in every person's life since time immemorial.There are certain specific alignment and conjunction of planets that is believed to either bless a person with a better life or make his life horrible and gruesome. Many solutions like specific deity's puja, chanting mantras, wearing scared stones, temple parikramas and various sadhanas are available in our Vedas and astrological scriptures which can be used to nullify the negative effects of planets and boost its positivity. But apart from this, worshipping, doing some common rituals and including certain specific plants into our daily life can also yield in more miraculous and lively result.



The Jupiter often considered as the guru is connected directly to the banana plant. Worshipping banana plant on Thursdays can enhance the positive effects of Jupiter in the natal chart. Putting a pinch of turmeric, a cube of jaggery, a small quantity of rice grains into a copper vessel full of water and pouring the same at the roots of banana plant can strengthen a weak Jupiter in one's birth chart. Similarly Saturn, the planet of karma- is associated with the Peepal Tree and shami tree (the spunge tree). Regular worship of peepal tree and shami tree can benefit a person with weak or negative Saturn in his birth chart. Especially on Saturday, one should worship a Peepal tree and pour some milk mixed with black sesame seeds at its roots. He should also light an earthen lamp with mustard oil in the evening. The khadir tree (also called khaira tree) or called heart wood tree is associated with rahu and mars. Plants with red flowers (like hibiscus), fruits, or leaves are often associated with Mars, symbolizing its fiery and energetic nature. Planting such trees and watering them regularly can enhance the positivity of Mars and Rahu. Also Dhurva grass is considered a plant that represents Rahu. Planting dhurva grasses in ones house premises can sooth Rahu's confusing effects. Darbha grass (also called kusha) is the plant assigned for Ketu Graha. Darbha is a strong tonic. It has astringent, antipyretic and antiviral activities. The antioxidant content of Darbha grass is high. Planting them and using them in our daily life can satisfy ketu. Fig trees are linked to the planet Venus. Worshiping them on Friday can be fruitful. Also planting fig trees across temple premises can activate the positive outcomes of Venus. Apamarga plants and orange/lemon trees are associated with mercury. Planting these plants within house premise and the Wearing the roots of apamarga plants tied with green thread can be beneficial from mercury point of view. Worshipping or planting Palash trees is believed to bring positive effects related to the Moon's influence, which includes emotions, intuition, and nurturing abilities. The Arka tree, associated with the Sun, symbolizes strength and vitality. Planting Arka and worshipping it especially on Sunday is believed to boost courage and self confidence. Regular worshipping of such plant is considered auspicious for those seeking success and leadership qualities.

# PROPERTY RIGHTS



**Sanjaya Kumar Sahoo**
**M.Sc., M.A, LL.M.**
**Director Legal Affairs, SOA**
**Former District & Sessions Judge.**
**Ph:8270203063**
E-Mail: sksahoo.judiciary@gmail.com

Property rights are the legal and economic rights that individuals or groups have to use, enjoy and transfer resources and economic goods. These rights are established by societal rules and can apply to real estate, intellectual property and other assets.

Rights associated with property

• Right to use: The right to use the property for legal purposes such as farming, building or conducting business.
• Right to enjoyment: The right to use the property without interference such as from nuisances.
• Right to disposal: The right to sell, rent or transfer the property within legal regulations.
• Right to exclude: The right to determine who can enter the property.

What are Property Rights?

Property rights give the owner or right holder the ability to do with the property what they choose. That includes holding on to it, selling or renting it out for profit, or transferring it to another party. Property rights define the theoretical and legal ownership of resources and how they can be used. These resources can be both tangible or intangible and they can be owned by individuals, businesses, and governments. Property rights is a fundamental human right. People often associate them with just the legal ownership of land, buildings and other assets; however, property rights begin with everyone owning themselves.

Acquiring Rights to a Property

Individuals in a private property rights regime acquire and transfer property in mutually agreed-upon transfers or through homesteading. Mutual transfers can include rents, sales, voluntary sharing, inheritances, gambling, and charity.

What is Common Property?

Ownership of common property is shared by more than one individual and/or institution. Rights to its disposition and other factors are divided among the group. No single individual or entity has absolute control. This is commonly the case when you purchase a condominium or in a development with a homeowners' association or if you own property with another individual as tenants in common.In a completely free society, individuals can use their property as they choose, so long as they do not violate the rights of others. Decision rights in a company are different, because it is the company, rather than individual employees, that owns the property and benefits or suffers most from its profits or losses.

**Property rights in detail**

• Possession: The right to live on or use the property
• Use: The right to enjoy the property
• Exclusion: The right to control who can access the property
• Transferability: The right to transfer ownership of the property

Other property rights

• Easements: The right to use someone else's property for a specific purpose
• Intellectual property: The right to creative work, such as patents, trademarks, and copyrights
• Right of control: The right to modify, destroy, or rent the property
• Right of disposition: The right to transfer ownership of the property

Property law governs the legal rights of ownership over property. People often

**Property rights include:**

• Land rights: The rights to own, use, lease, mortgage and inherit land.
• Intellectual property rights: The rights to protect creations of the mind such as patents and copyrights.
• Easements: The rights of third parties to use another person's land such as for a right of way or to park a car.
• Possession rights: The rights to use, occupy or possess property.
• Freedom of alienation: The right to sell or otherwise dispose of property.

Property can be categorized as:

• Communal or government property: Legally owned by specific groups.
• Common property: Shared by more than one person or institution.
• Open-access property: Not owned by anyone or anything.
• Movable property: Corporeal property that is not immovable such as furniture or stationery.
• Immovable property: Property that has greater importance and is dealt with in more detail by Indian statutes.

**Conclusion**

Property rights gives the owner or right holder the ability to do with the property what they choose. That includes holding on to it, selling or renting it out for profit or transferring it to another party. Property rights define the theoretical and legal ownership of resources and how they can be used.

# ଜଷ୍ଟିସ ଯଶବନ୍ତ ବର୍ମାଙ୍କ ବିରୋଧରେ ଏଫଆଇଆର ଆବେଦନ ଖାରଜ କଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, (ଭିଓଭି): ଜଷ୍ଟିସ୍ ଯଶବନ୍ତ ବର୍ମାଙ୍କ ବାସଭବନରୁ ବିପୁଳ ପରିମାଣର ନଗଦ ଟଙ୍କା ଜବତ ହୋଇଥିବାବେଳେ ତାଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ ପାଇଁ ହୋଇଥିବା ଆବେଦନକୁ ସୁପ୍ରିମ୍‌କୋର୍ଟ ଖାରଜ କରିଦେଇଛନ୍ତି। ପ୍ରଧାନ ବିଚାରପତିଙ୍କ ଦ୍ୱାରା ଗଠିତ ବିଚାରପତିମାନଙ୍କର ଏକ ପ୍ୟାନେଲ ଏହି ମାମଲାର ତଦନ୍ତ କରୁଛି ଏବଂ ତଦନ୍ତ ଶେଷ ହେବା ପରେ ଏଫ୍ଆଇଆର୍ ରୁଜୁ ଉପରେ ନିଷ୍ପତ୍ତି ନିଆଯିବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏବେ ଆଭ୍ୟନ୍ତରୀଣ ତଦନ୍ତ ଜାରି ରହିଛି। ଯଦି ରିପୋର୍ଟରେ କିଛି ତ୍ରୁଟି ଦେଖାଯାଏ, ତେବେ ଏଫ୍ଆଇଆର୍ ପାଇଁ ନିର୍ଦ୍ଦେଶ ଦିଆଯାଇପାରିବ କିମ୍ବା ମାମଲାକୁ ସଂସଦକୁ ପଠାଯାଇପାରିବା ଜଷ୍ଟିସ ଅଭୟ ଏସ୍ ଓକା ଓ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଏବେ ଏହି ରିଟ୍ ପିଟିସନର ଶୁଣାଣି କରିବା ଠିକ୍ ହେବ ନାହିଁ। ଆଭ୍ୟନ୍ତରୀଣ ତଦରକୁ ଚ୍ୟାଲେଞ୍ଜ କରିଥିବା ଏହି ପିଟିସନ୍‌ରେ ଦମ୍



ନାହିଁ ବୋଲି କୋର୍ଟ କହିଛନ୍ତି। ଦୁଇ ଓକିଲ ମାଥ୍ୟୁସ୍ ନେଡୁମ୍ପାରା ଏବଂ ହେମାଲି ମୁରେଶ କର୍ଣ୍ଣେଙ୍କ ଦ୍ୱାରା ଦାୟର ପିଟିସନରେ ଦର୍ଶାଯାଇଛି ଯେ ଏହି ଦୁର୍ନୀତି ସାମ୍ନାକୁ ଆସିବାର ଏକ ସପ୍ତାହ ପରେ ବି କୌଣସି ଗିରଫ କିମ୍ବା ଜବତ ହୋଇନାହିଁ। ଆଇନଜୀବୀମାନେ ଏହା ମଧ୍ୟ କହିଛନ୍ତି ଯେ ଆଭ୍ୟନ୍ତରୀଣ ପ୍ୟାନେଇ ଏକ 'ବୈଧାନିକ କର୍ତ୍ତୃପକ୍ଷ' ନୁହେଁ। ତେଣୁ ଏହା ସ୍ୱତନ୍ତ୍ର ଏଜେନ୍ସିଗୁଡ଼ିକର ବିକଳ୍ପ ହୋଇପାରିବ ନାହିଁ। ସେମାନେ କେରଳର ଏକ ଘଟଣା ବିଷୟରେ ଉଲ୍ଲେଖ କରିଥିଲେ ଯେଉଁଠାରେ ହାଇକୋର୍ଟର ତତ୍କାଳୀନ ବିଚାରପତିଙ୍କ ବିରୋଧରେ ପୋକ୍ସୋ ମାମଲାରେ ଅଭିଯୋଗ କରାଯାଇଥିଲା, କିନ୍ତୁ ପୁଲିସ ଏଫ୍ଆଇଆର ରୁଜୁ କରି ନ ଥିଲା । ଆବେଦନକାରୀମାନେ କହିଛରି ଯେ ତଦନ୍ତ କରିବା ଅଦାଲତର କାମ ନୁହେଁ ଏବଂ ଏହାକୁ ପୁଲିସ ଉପରେ ଛାଡ଼ି ଦିଆଯିବା ଉଚିତ। ଏହା ଉପରେ ପ୍ରତିକ୍ରିୟା ରଖି କୋର୍ଟ କହିଛନ୍ତି, ଆଭ୍ୟନ୍ତରୀଣ ରିପୋର୍ଟ ଆସିବା ପରେ ସମସ୍ତ ବିକଳ୍ପ ଖୋଲା ରହିଛି। ଏହି ପିଟିସନ୍ ଆଗୁଆ ଓ ତରବରିଆ ଭାବେ ଆସିଛି। ସୂଚନାଯୋଗ୍ୟ, ମାର୍ଚ୍ଚ ୧୪ରେ ଜଷ୍ଟିସ ବର୍ମାଙ୍କ ବାସଭବନର ବଙ୍ଗଳାରେ ନିଆଁ ଲାଗିବା ପରେ ବିପୁଳ ପରିମାଣର ଆଂଶିକ ଜଳିଯାଇଥିବା ନୋଟ୍ ମିଳିଥିଲା। ଦିଲ୍ଲୀ ହାଇକୋର୍ଟ ବିଚାରପତି ସେତେବେଳେ ତାଙ୍କ ବାସଭବନରେ ନ ଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୁଲିସ ଆଉଟ୍ ହାଉସ୍‌ର ଷ୍ଟୋର୍‌ରୁମ୍‌ରୁ ନଗଦ ଟଙ୍କା ପାଇଥିଲା।

## କର୍ଣ୍ଣାଟକ 'ହନିଟ୍ରାପ୍' ଘଟଣା

# ସିବିଆଇ ତଦନ୍ତକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, (ଭିଓଭି): କର୍ଣ୍ଣାଟକର ଅନେକ ନେତା, ବରିଷ୍ଠ ପ୍ରଶାସକ, ବିଚାରପତି ପ୍ରମୁଖ 'ହନିଟ୍ରାପ୍'ର ଶିକାର ହେବା ଘଟଣା ନେଇ କର୍ଣ୍ଣାଟକ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ନିରପେକ୍ଷ ଏସ୍ ?ଆଇଟି କିମ୍ବା ସିବିଆଇ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରି ଦାଏର ଏକ ଜନସ୍ୱାର୍ଥ ମାମଲାକୁ ସୁପ୍ରିମ୍‌କୋର୍ଟ 'ରାଜନୈତିକ ଅନର୍ଥକାରୀ' ବୋଲି ଅଭିହିତ କରି ଖାରଜ କରିଦେଇଛନ୍ତି। ବିଚାରପତି ବିକ୍ରମ ନାଥ, ସଞ୍ଜୟ କାରୋଲ ଓ ସନ୍ଦୀପ ମେହେଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଆବେଦନର ଶୁଣାଣି କରିଥିଲେ। ଆବେଦନକାରୀ ବିନୟ କୁମାର ସିଂହଙ୍କ ଓକିଲ ବରୁଣ ସିହ୍ନାଙ୍କୁ ବିଚାପତି ନାଥ ପଚାରିଥିଲେ, ତୁମ (ଆବେଦନକାରୀ) ଘର ଝାଡ଼ଖଣ୍ଡରେ, ସେ ରାଜ୍ୟରେ(କର୍ଣ୍ଣାଟକ) କ'ଣ ହେଉଛି ସେ ନିମନ୍ତେ ତୁମ ଚିନ୍ତା କାହିଁକି ସେମାନେ ଏହା ଉପରେ ପଦେକ୍ଷପ ନେବାକୁ ଯୋଗ୍ୟ।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe : Voice Of Victims News


Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର